## ସଂକ୍ଷେପରେ

### ବେଆଇନ ବାଣ, ମଦ ଜବତ, ୨ ଗିରଫ

**ଭୋଗରାଇ, ୧୨।୧୦(ଡି.ଏନ.ଏ.):** ଆଗକୁ ଦୀପାବଳି ଥିବାରୁ ବେଆଇନ ବାଣ ବ୍ୟବସାୟୀ ଓ ଚୋରା ମଦ ବେପାରୀମାନେ ସକ୍ରିୟ ହୋଇପଡିଛନ୍ତି। ଏହି କାର୍ଯ୍ୟକଳାପକୁ ରୋକିବା ଲାଗି ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଉଛି। ଶନିବାର ଭୋଗରାଇ ଥାନା କୁମ୍ଭାରମୂଳୀ ଗ୍ରାମର ବେଆଇନ ବାଣ ବ୍ୟବସାୟୀ ରମେଶ ଚନ୍ଦ୍ର ବେହେରା (୫୦)ଙ୍କ ଘର ଉପରେ ଭୋଗରାଇ ପୋଲିସ ଚଢାଉ କରି ୫ହଜାର ଟଙ୍କା ମୂଲ୍ୟର ବାଣ ଜବତ କରିଛି। ତାଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ବାଣ ବ୍ୟବସାୟୀଙ୍କ ବିରୋଧରେ ଏକ ମାମଲା (ନଂ. ୨୦୦/୧୯) ରୁଜୁ କରାଯାଇଛି। ସେହିପରି ଉଦୟପୁର ବେଳାଭୂମିରେ ଚୋରା ବିଦେଶୀ ମଦ ବିକ୍ରି କରୁଥିବା ଦୀଘା ଥାନା ଅଧୀନ ଦତ୍ତପୁର ଗ୍ରାମର ଅବତରଣ ବେରାଙ୍କୁ ତାଳସାରୀ ମେରାଇନ ଥାନା ପୋଲିସ ଗିରଫ କରି ଏକ ମାମଲା (ନଂ. ୩୯/୧୯) ରୁଜୁ କରିଛି। ବିଭିନ୍ନ ସ୍ଥାନରେ ପୋଲିସ ଚଢ଼ାଉ କରୁଥିବାରୁ ବାଣ ବ୍ୟବସାୟୀଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି।

### ପାଗଳା କୁକୁର କାମୁଡାରେ ୧୫ ଆହତ

**ଖଇରା,୧୨।୧୦(ଡି.ଏନ.ଏ.):** ଖଇରା ବ୍ଲକରେ ପାଗଳ କୁକୁର ଆତଙ୍କ ଦେଖାଦେଇଛି। କୁକୁର କାମୁଡାରେ ୧୫ରୁ ଉର୍ଦ୍ଧ୍ୱ ଲୋକ ଗୁରୁତର ଆହତ ହୋଇଛନ୍ତି। ଡୁଙ୍ଗୁରା ପଞ୍ଚାୟତ ବାରାହାପୁର ଗ୍ରାମରେ କୁକୁର କାମୁଡାରେ ଶିଶୁ ସମେତ ୬ ଜଣ ଗୁରୁତର ହୋଇଛନ୍ତି। ପାଗଳ କୁକୁର ଗୁରୁବାର ସକାଳ ସମୟରେ ପ୍ରଥମେ ଏକ ଛୋଟ ପିଲାକୁ କାମୁଡିଥିଲା। ତାପରେ ଗୋଡାଇ ଗୋଡାଇ ଦିନବନ୍ଧୁ ମାଝି, ହରପ୍ରିୟା ସାହୁ, ଜ୍ୟୋତିର୍ମୟୀ ମାଝି ଓ ପାର୍ଥସାରଥି ନାୟକଙ୍କ କାମୁଡିଥିଲା। ୨ଜଣଙ୍କୁ ଗୁରୁତର ଅବସ୍ଥାରେ ଭଦ୍ରକ ମେଡିକାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ସେହିପରି ଜଳଙ୍ଗ ଗ୍ରାମରେ କୁକୁର ପଶିଯାଇ କାଳନ୍ଦୀ ଦାସ, ନରୋତ୍ତମ ନାୟକ, ପ୍ରଶାନ୍ତ ଦାସ ଓ ବାବୁଲି ଦାସଙ୍କୁ କାମୁଡିଥିଲା। ଅଚ୍ୟୁତପୁର ପଞ୍ଚାୟତ ଓହତ ଗ୍ରାମରେ ଜମ୍ବୁବତି ସାହୁ, ନିରଞ୍ଜନ ସାହୁ, ସୁମନ ମଣ୍ଡଳ ଓ ଦେବେନ୍ଦ୍ର ପାଢୀ କୁକୁର କାମୁଡାରେ ଗୁରୁତର ହୋଇ ଖଇରା ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ମେଡିକାଲରେ ପର୍ଯ୍ୟାପ୍ତ କୁକୁର କାମୁଡା ଇଞ୍ଜେକଶନ ନ ଥିବାରୁ ସାଧାରଣରେ ଅସନ୍ତୋଷ ଦେଖିବାକୁ ମିଳିଥିଲା। ଏ ବିଷୟରେ ସିଡିଏମଓ ବାନାର୍ଜୀ ପ୍ରସାଦ ଛୋଟରାଏଙ୍କୁ ପଚାରିବାରୁ ଆବଶ୍ୟକ ଅନୁଯାୟୀ ଇଞ୍ଜେକଶନ ଯୋଗାଣ କମ୍ପାନୀ ଯୋଗାଇ ନ ଥିବାରୁ ସମସ୍ୟା ଦେଖାଦେଇଛି ବୋଲି କହଛନ୍ତି।

### ଭାଜପାର ଗାନ୍ଧୀ ସମ୍ପର୍କ ପଦଯାତ୍ରା

**ଔପଦା, ୧୨।୧୦(ଡି.ଏନ.ଏ.):** ବାଲେଶ୍ୱର ଜିଲା ଔପଦା ବ୍ଲକ ସଦର ତଳକିଆ, ଗଡ଼ସାହି, ଫତେପୁର ଓ ରାଏରାମଚନ୍ଦ୍ରପୁର ପଞ୍ଚାୟତରେ ଭାଜପାର ଗାନ୍ଧୀ ଜନସମ୍ପର୍କ ପଦଯାତ୍ରା ସ୍ଥାନୀୟ ବିଧାୟକ ଇଂ. ସୁକାନ୍ତ ନାୟକଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଶନିବାର ପୂର୍ବାହ୍ନରେ ଏହି ପଦଯାତ୍ରା ମାଟିଗଡ଼ ମହାଦେବ ଛକରୁ ବାହାରି ଗଡ଼ସାହି ହାଟ ପରିକ୍ରମା କରିଥିଲା। ଏହି ପଦଯାତ୍ରାରେ ଭାଜପା ମଣ୍ଡଳ ସଭାପତି ଲକ୍ଷ୍ମୀକାନ୍ତ ବେହେରା, ବଡ଼ପୋଖରୀ ସମିତିସଭ୍ୟ ଅରୁଣ କୁମାର ବେହେରା, ଭାଜପା ବରିଷ୍ଠ କର୍ମକର୍ତ୍ତା ଅଜୟ କୁମାର ପ୍ରଧାନ, ଯୁବନେତା ହରିହର ମହଲା, ପର୍ଶୁରାମ ଲେଙ୍କା ଓ ନାରୀନେତ୍ରୀ ଶାନ୍ତିଲତା ଲେଙ୍କା ପ୍ରମୁଖ ନେତୃତ୍ୱ ନେଇଥିଲେ। ଏଥିରେ ଶହ ଶହ ଭାଜପା କର୍ମୀ ଓ ସମର୍ଥକ ଅଂଶଗ୍ରହଣ କରିଥିଲେ। ସ୍ଥାନୀୟ ବିଧାୟକ ଇଂ. ନାୟକ ସଭ୍ୟ ଓ ସମର୍ଥକମାନଙ୍କୁ ଗାନ୍ଧିଜୀଙ୍କ ୧୫୦ତମ ଜୟନ୍ତୀ ଅବସରରେ ପଦଯାତ୍ରାର ଉଦ୍ଦେଶ୍ୟ ସମ୍ପର୍କରେ ସମ୍ବୋଧିତ କରିଥିଲେ।

# ଉନ୍ନୟନ କାର୍ଯ୍ୟ ଅଧାପନ୍ତରିଆ

**ବାଲିଆପାଳ, ୧୨।୧୦(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକରେ ଏବେ ବିଭିନ୍ନ ଉନ୍ନୟନ କାର୍ଯ୍ୟ ଅଧାପନ୍ତରିଆ ହୋଇରହିଛି। କୌଣସି ଯୋଜନା ପୂର୍ଣ୍ଣାଙ୍ଗ ହେଉନି। କାର୍ଯ୍ୟରେ ଶିଥିଳତା ନେଇ ଲୋକଙ୍କ ମଧ୍ୟରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ବାଲିଆପାଳ-ବସ୍ତା ମୁଖ୍ୟ ରାସ୍ତାର ପେଯଗଳାଠାରେ ନିର୍ମାଣାଧୀନ ପୋଲ କାମ ନିର୍ବାଚନ ପୂର୍ବରୁ ଯେଭଳି ଦ୍ରୁତ ଗତିରେ ଚାଲୁଥିଲା ତାହା ଏବେ ମନ୍ଥର ଚାଲିଛି। ଫଳରେ ରାସ୍ତାକାମ କେବେ ସରିବ ତାହା ଜଣାପଡୁନାହିଁ। ଜାମଶୂଳୀ ମାନ୍ଧାତା ପୂର୍ତ୍ତବିଭାଗ ରାସ୍ତା ପ୍ରଶସ୍ତୀକରଣ କାମ ଅଧା ହୋଇରହିଛି। ଏଠାରେ ମଧ୍ୟ କାର୍ଯ୍ୟ ପୂର୍ବପରିଆଉ ହେଉନାହିଁ। ଲୋକେ ଭାବିଥିଲେ ଏହି ରାସ୍ତା କାମ ସରିଲେ ଲଙ୍ଗଳେଶ୍ୱରରୁ ଜାମଶୂଳୀ ପର୍ଯ୍ୟନ୍ତ ଯାତାୟାତରେ ସମସ୍ୟା ରହିବ ନାହିଁ। ମାତ୍ର ତାହା ସ୍ୱପ୍ନ ପାଲଟିଛି। ସୁବର୍ଣ୍ଣରେଖା ନଦୀ ମୁହାଣ ଚଉମୁଖଠାରେ ନିର୍ମାଣ ହେବାକୁ ଥିବା ସର୍ବବୃହତ ବନ୍ଦର ପ୍ରକଳ୍ପ କାମ ମଧ୍ୟ ଧିମେଇ ଯାଇଛି। ବାଲେଶ୍ୱର, ବାଲିଆପାଳ ଓ କାଳିପଦାଠାରେ ସୁବର୍ଣ୍ଣରେଖା ପୋର୍ଟ ପ୍ରାଇଭେଟ ଲିମିଟେଡ କମ୍ପାନୀ କେବଳ କାର୍ଯ୍ୟାଳୟ ଖୋଲି ରାସ୍ତା ଓ ରେଳପଥ ନିର୍ମାଣ ପାଇଁ ସର୍ଭେ କାମ କରୁଥିଲେ। ଏବେ ତାହା ଆଉ ପୂର୍ବପରି ଚଳଚଞ୍ଚଳ ନାହିଁ। ବାଲିଆପାଳ-ଭୋଗରାଇକୁ ସଂଯୋଗ କରୁଥିବା ପନ୍ତେଇ ଫେରିଘାଟଠାରେ ପୋଲ ନିର୍ମାଣ ପାଇଁ ଅର୍ଥ ମଞ୍ଜୁର ହୋଇଥିଲେ ମଧ୍ୟ କୌଣସି କାମର ନାଁ ଗନ୍ଧ ନାହିଁ। ସେହିପରି ଉଗରା ବେଳାଭୂମିରେ ୨୦୧୬ରେ ସେଠାରେ ଟୁରିଷ୍ଟ କମ୍ପ୍ଲେକ୍ସ (ପାନ୍ଥନିବାସ)ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀ ଶିଳାନ୍ୟାସ କରିଥିଲେ ମଧ୍ୟ କାମର କୌଣସି ଅଗ୍ରଗତି ହୋଇନାହିଁ। ଏପରି କି ଇଟା ଖଣ୍ଡେ ମଧ୍ୟ ପଡିନାହିଁ। ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଶିଳାନ୍ୟାସ ଫଳକ ମଧ୍ୟ ଦେଖିବାକୁ ମିଳୁନାହିଁ।

ସୁବର୍ଣ୍ଣରେଖା ବନ୍ୟା ପ୍ରତିକାର ପାଇଁ କଙ୍କଡ଼ାପାଳଠାରେ ମଧ୍ୟ ପଥର ପ୍ୟାକିଂ ଓ ସ୍ପର ନିର୍ମାଣ କାମ ଅଧାପନ୍ତରିଆ ହୋଇରହିଛି। ବାଲିଆପାଳ ସୂତାକଳର ପୁନରୁଦ୍ଧାର କାମର କୌଣସି ଅଗ୍ରଗତି ହେଉନାହିଁ। କଲିକତାର ପିକନ କମ୍ପାନୀ ଜାଗା ଟେଣ୍ଡର ନେଇ ୩ ବର୍ଷ ହେଲା ବସିରହିଛି। ବାଲିଆପାଳ ପଞ୍ଚାୟତ ସାମ୍ନାରେ ଥିବା ନେତାଜୀ ଷ୍ଟାଡିୟମ କାମ ଦୀର୍ଘଦିନରୁ ଅଧାପନ୍ତରିଆ ହୋଇପଡିରହିଛି। ସେହିପରି ବୋଲଂଠାରେ ଲୁଣମରା ଓ ଲୁଣ ରିଫାଇନାରୀ ଶିଳ୍ପର କାମ ଆଦୌ ହୋଇନାହିଁ। ଏବେ ବାଲିଆପାଳର ଅଧିକାଂଶ ରାସ୍ତା ଅଧାପନ୍ତରିଆ ହୋଇରହିଛି। ସେଗୁଡିକର ପୂର୍ଣ୍ଣାଙ୍ଗ ପାଇଁ କୌଣସି ସ୍ତରରେ ଉଦ୍ୟମ ନାହିଁ। ନବନିର୍ବାଚିତ ବସ୍ତା ବିଧାୟକ ନିତ୍ୟାନନ୍ଦ ସାହୁ ଓ ବାଲେଶ୍ୱର ଏମ୍‌ପି ତଥା କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ତହସିଲ, ବ୍ଲକ ଅଫିସରେ ଭିଜିଲାନ୍ସ

## ଚାଲିଛି ରେକର୍ଡପତ୍ର ଯାଞ୍ଚ



ଭିଜିଲାନ୍ସ ଅଧିକାରୀମାନେ ରେକର୍ଡପତ୍ର ଯାଞ୍ଚ କରୁଛନ୍ତି।

**ଖଇରା, ୧୨।୧୦(ଡି.ଏନ.ଏ.)**

ବାଲେଶ୍ୱର ଭିଜିଲାନ୍ସ ବିଭାଗର ଏକ ଟିମ୍ ଶୁକ୍ରବାର ଖଇରା ବ୍ଲକ ଓ ତହସିଲ କାର୍ଯ୍ୟାଳୟରେ ପହଞ୍ଚି କାଗଜପତ୍ର ଯାଞ୍ଚ କରିଛନ୍ତି। ଭିଜିଲାନ୍ସ ଏସ୍‌ପି ସୁନୀଲ କୁମାର ସେନାପତିଙ୍କ ନିର୍ଦ୍ଦେଶକ୍ରମେ ଭିଜିଲାନ୍ସ ଡିଏସ୍‌ପି ସନ୍ତୋଷ କୁମାର ସାମନ୍ତରାଏଙ୍କ ନେତୃତ୍ୱରେ ଇନ୍ସପେକ୍ଟର ଅନିରୁଦ୍ଧ ନାୟକ ଓ ଅଜୟ ନାୟକ ଯାଞ୍ଚ କରିଛନ୍ତି।

ସୁଣ୍ଡିରା ଗ୍ରାମର ବନ୍ଦନା ନାୟକ ଓ ସ୍ୱାମୀ କୈଳାସ ନାୟକ ଉତ୍ତରାଧିକାରୀ ପ୍ରମାଣପତ୍ର ପାଇଁ ଖଇରା ତହସିଲରେ ଆବେଦନ କରିଥିଲେ। ହେଲେ ତାଙ୍କୁ ନ ମିଳିବାରୁ ସେ ଉଚ୍ଚ ନ୍ୟାୟାଳୟରେ ଆବେଦନ ପରେ ଏ ସଂକ୍ରାନ୍ତରେ ଏକ ମାମଲା (ନଂ. ୩୮/୧୯) ରୁଜୁ କରାଯାଇଥିଲା। ଏହି ମାମଲାକୁ ଆଧାର କରି ଉଚ୍ଚନ୍ୟାୟାଳୟଙ୍କ ନିର୍ଦ୍ଦେଶରେ ଭିଜିଲାନ୍ସ ବିଭାଗ ଦ୍ୱାରା ଖଇରା ତହସିଲରେ ରେକର୍ଡ଼ପତ୍ର ଯାଞ୍ଚ କରାଯାଇ ତହସିଲ କାର୍ଯ୍ୟାଳୟରୁ ୬୬୨।୧୮ ଓ ୬୬୩।୧୮ ଦୁଇଟି ରେକର୍ଡ଼କୁ ଜବତ କରାଯାଇଛି। ସେହିଭଳି ଏହି ଟିମ୍ ଖଇରା ବ୍ଲକରେ ମଧ୍ୟ କାଗଜପତ୍ର ଯାଞ୍ଚ କରିଥିଲେ। ସୂଚନାଯୋଗ୍ୟ ଭିଜିଲାନ୍ସ ପକ୍ଷରୁ ଗତ ୪ତାରିଖରେ ଏକ ୩ଜଣିଆ ଟିମ୍ ଖଇରା ବ୍ଲକରେ ପ୍ରଥମଥର ଚଢ଼ାଉ ଆରମ୍ଭ କରିଥିଲେ। ସେହି ଅଭିଯୋଗକୁ ଆଧାର କରି ବାଲେଶ୍ୱର ଭିଜିଲାନ୍ସ ବିଭାଗର ଏହି ଟିମ୍ ବ୍ଲକ ପରିସରରେ ଯାଞ୍ଚ ପ୍ରକ୍ରିୟା ଆରମ୍ଭ କରିଥିଲେ। ଖଇରା ବ୍ଲକର କିଛି ବର୍ଷ ଧରି ପ୍ରଧାନମନ୍ତ୍ରୀ ଆବାସ ଓ ଭତ୍ତା ବଣ୍ଟନରେ ଅନିୟମିତତାର ଅଭିଯୋଗ ହୋଇଆସୁଥିଲା। ଅଡ଼ିଟ ରିପୋର୍ଟକୁ ଆଧାର କରି କିଛି ପଞ୍ଚାୟତ ନେଇଥିବା ଭତ୍ତା ଟଙ୍କାକୁ ଫେରାଇ ନ ଥିବା ଏବଂ ଅଡ଼ିଟରୁ ୩୦ଲକ୍ଷରୁ ଅଧିକ ଟଙ୍କାର ହିସାବ ନ ଥିବା ସୂଚନା ଦେଇଥିଲେ। ଚଢ଼ାଉରେ ବ୍ଲକ ପରିସରରେ ରେକର୍ଡ଼ପତ୍ର ଯାଞ୍ଚ କରାଯାଇଥିଲା।

### ଦୁର୍ଘଟଣାରେ ଦୃଷ୍ଟିହୀନ ବୃଦ୍ଧ ଗୁରୁତର

**ଔପଦା, ୧୨।୧୦(ଡି.ଏନ.ଏ.)**

ଔପଦା ବଡ଼ପୋଖରୀ ରାସ୍ତାର ପ୍ରତାପପୁର ଗ୍ରାମ ନିକଟରେ ଶନିବାର ଜଣେ ଦୃଷ୍ଟିହୀନ ବୃଦ୍ଧ ଦୁର୍ଘଟଣାରେ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ଉକ୍ତ ଗ୍ରାମର ଅନାଦି ବେହେରା। ସ୍ଥାନୀୟ ଅଗ୍ନିଶମ ବିଭାଗ ତାଙ୍କୁ ଉଦ୍ଧାର କରି ଔପଦା ଡ଼ାକ୍ତରଖାନାରେ ଭର୍ତ୍ତି କରିଥିଲା। ସେଠାରେ ଡ଼ାକ୍ତର ଚିକିତ୍ସା କରି ବାଲେଶ୍ୱର ସ୍ଥାନାନ୍ତର ପାଇଁ ପରାମର୍ଶ ଦେଇଥିଲେ। ଆମ୍ବୁଲାନ୍ସ ସେବା ନ ମିଳିବାରୁ ଥାନାଧିକାରୀ ପ୍ରଶାନ୍ତ କୁମାର ଜେନା ଡାକ୍ତରଖାନାରେ ପହଞ୍ଚି ଅନାଦିଙ୍କୁ ଘରୋଇ ବୋଲେରୋରେ ବାଲେଶ୍ୱର ପଠାଇବାର ବ୍ୟବସ୍ଥା କରିଥିଲେ।

# ସଡ଼କ ଦୁର୍ଘଟଣାରେ ଯୁବ ଚିତ୍ରଶିଳ୍ପୀଙ୍କ ମୃତ୍ୟୁ

**ବାଲେଶ୍ୱର ଅଫିସ/ରେମୁଣା, ୧୨।୧୦(ଡି.ଏନ.ଏ.)**



ଦେବେନ୍ଦ୍ର ଖଟୁଆଙ୍କ ଫାଇଲ୍ ଫଟୋ।

ବାଲେଶ୍ୱର-ରେମୁଣା ରାସ୍ତାର ଗୋଲେଇ ଛକସ୍ଥିତ ଷ୍ଟେଟବ୍ୟାଙ୍କ ସମ୍ମୁଖରେ ଶନିବାର ଅପରାହ୍ନରେ ଏକ ସଡ଼କ ଦୁର୍ଘଟଣା ଘଟି ଘଟଣାସ୍ଥଳରେ ଯୁବ ଚିତ୍ରଶିଳ୍ପୀ ଦେବେନ୍ଦ୍ର ଖଟୁଆ (୪୨)ଙ୍କ ମୃତ୍ୟୁ ଘଟିଛି। ଦୁର୍ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଲୋକେ ରାସ୍ତା ଉପରେ ବେଆଇନ ଗାଡି ପାର୍କିଂ ବନ୍ଦ କରିବା, ହମ୍ପସ ନିର୍ମାଣ, ବିଭିନ୍ନ ଛକରେ ଟ୍ରାଫିକ ପୋଷ୍ଟ ନିର୍ମାଣ, ସହର ଭିତରେ ଦିନବେଳା ଭାରିଯାନ ଚଳାଚଳ ବନ୍ଦ କରିବା ଭଳି ଦାବି ନେଇ ବାଲେଶ୍ୱର-ରେମୁଣା ରାସ୍ତା ଅବରୋଧ କରିଥିଲେ। ଡିଏସ୍‌ପି ଉମେଶ ପଣ୍ଡା, ଶିଳ୍ପାଞ୍ଚଳ ଥାନାଧିକାରୀ ଜୟନ୍ତ ବେହେରା, ସହଦେବଖୁଣ୍ଟା ଥାନାଧିକାରୀ ପରେଶ ରାଉତ, ସଦର ଥାନାଧିକାରୀ ମମତା ସାହୁ ଉପସ୍ଥିତ ରହି ଲୋକଙ୍କୁ ବୁଝାଶୁଝା କରି ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ହଟିଥିଲା।

ପୂର୍ବାହ୍ନ ପ୍ରାୟ ୧୧ଟା ୧୫ ମିନିଟ୍‌ରେ ଚିତ୍ରଶିଳ୍ପୀ ଦେବେନ୍ଦ୍ର ସହଦେବଖୁଣ୍ଟାରୁ ରେମୁଣା ଗୋଲେଇକୁ ନିଜ ସ୍କୁଟି (ନଂ. ଓଡ଼ି୦୧କ୍ୟୁ-୯୨୪୪) ଯୋଗେ ଯାଉଥିବା ବେଳେ ଷ୍ଟେଟ୍ ବ୍ୟାଙ୍କ ସମ୍ମୁଖରେ ଏକ ଘରୋଇ ବସ୍ (ନଂ. ଓଡ଼ି୦୧ଆର୍-୩୯୯୯) ତାଙ୍କୁ ପଛପଟୁ ଧକ୍କା ଦେଇଥିଲା। ସେ ସ୍କୁଟିରୁ ତଳେ ପଡ଼ିଯିବାରୁ ତାଙ୍କ ମୁଣ୍ଡ ଉପରେ ବସ୍‌ର ପଛଚକ ଚଢ଼ି ଯାଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା।

**ପ୍ରତିବାଦରେ ରାସ୍ତାରୋକୋ**

ଏନେଇ ଶିଳ୍ପାଞ୍ଚଳ ଥାନାରେ ଏକ ମାମଲା (ନଂ. ୧୪୬/୧୯) ରୁଜୁ କରାଯାଇ ବସ୍‌ର ଡ୍ରାଇଭରଙ୍କୁ ଗିରଫ କରାଯାଇଥିବା ଶିଳ୍ପାଞ୍ଚଳ ଥାନାଧିକାରୀ ଜୟନ୍ତ ବେହେରା ସୂଚନା ଦେଇଛନ୍ତି। ତାଙ୍କର ମୃତଦେହକୁ ଜିଲା ମୁଖ୍ୟଚିକିତ୍ସାଳୟକୁ ଅଣାଯିବା ପରେ ଡାକ୍ତରଖାନା ପରିସର ଲୋକାରଣ୍ୟ ହୋଇପଡିଥିଲା। ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ରାଜନେତା, ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକ, ସମାଜସେବୀ, ଚିତ୍ରଶିଳ୍ପୀ, ସାହିତ୍ୟିକ, କବି ଓ ଲେଖକ ତଥା ବିଭିନ୍ନ ବର୍ଗର ଲୋକମାନେ ତାଙ୍କର ଶେଷଦର୍ଶନ କରିଥିଲେ। ଦେବେନ୍ଦ୍ରଙ୍କ ୨ ପୁଅ ଓ ସ୍ତ୍ରୀ ବାଙ୍ଗାଲୋରରେ ଥିବା ବେଳେ ଏପରି ଦୁଃଖଦ ଘଟଣା ଘଟିଛି। ତାଙ୍କ ମୃତ୍ୟୁରେ ସହରରେ ଶୋକର ଛାୟା ଖେଳିଯାଇଛି।

ଚିତ୍ରଶିଳ୍ପୀ ଦେବେନ୍ଦ୍ର ଲଳିତ କଳା ଏକାଡେମୀ ତରଫରୁ ୨ଥର ରାଜ୍ୟ ସରକାରଙ୍କଠାରୁ ସମ୍ମାନିତ ହୋଇଛନ୍ତି। ସେ ଏକ ସରକାରୀ ବିଦ୍ୟାଳୟରେ ଚୁକ୍ତିଭିତ୍ତିକ ଶିକ୍ଷକ ଭାବେ କାର୍ଯ୍ୟ କରୁଥିବା ବେଳେ ମଡର୍ନ ପବ୍ଲିକ ସ୍କୁଲରେ ଶିକ୍ଷକତା କରୁଥିଲେ। ଜଣେ ଯୁବ ସଙ୍ଗଠକ ଭାବରେ ମଧ୍ୟ ବହୁ ଅନୁଷ୍ଠାନ ସହ ଜଡ଼ିତ ରହିବା ସହ ଜଣେ ମେଳାପି, ମିଷ୍ଟଭାଷୀ, ପରୋପକାରୀ, ସମାଜସେବୀ ଭାବରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ତାଙ୍କର ଅକାଳ ବିୟୋଗ ଚିତ୍ର ଓ ସାହିତ୍ୟ କ୍ଷେତ୍ରରେ ଏକ ଶୂନ୍ୟସ୍ଥାନ ସୃଷ୍ଟି କରିଛି।

# ବାଣ ପ୍ରସ୍ତୁତି ବେଳେ ଚଢାଉ, ଜଣେ ଗିରଫ

**ବସ୍ତା, ୧୨।୧୦(ସ୍ୱ.ପ୍ର.)**

ବସ୍ତା ବ୍ଲକ ସିଂଲା ଥାନା କମାରଗଡିଆ ଗ୍ରାମରେ ବେଆଇନ ଭାବେ ବାଣ ପ୍ରସ୍ତୁତି ହେଉଥିବା ଖବର ପାଇ ପୋଲିସ ଶନିବାର ଚଢାଉ କରିଛି। ଏହି ଗ୍ରାମର ଅଶୋକ କୁମାର ମାନ୍ନା ବେଆଇନ ଭାବେ ବାଣ ପ୍ରସ୍ତୁତ କରୁଥିଲେ। ପୋଲିସ ଚଢାଉ କରି ତାଙ୍କ ନିକଟରୁ ୩୫୦ ବିଭିନ୍ନ ପ୍ରକାର ବାଣ ଜବତ କରିବା ସହିତ ତାଙ୍କୁ ଗିରଫ କରିଛି। ଏ ନେଇ ପୋଲିସ ଏକ ମାମଲା (ନଂ.୧୫୯/୧୯) ରୁଜୁ କରି ଅଶୋକଙ୍କୁ କୋର୍ଟଚାଲାଣ କରିଛି।

୨ ବର୍ଷ ପୂର୍ବରୁ ବାହାବଳପୁର ସାମୁଦ୍ରିକ ଥାନା ଅଞ୍ଚଳରେ ଦୀପାବଳି ସମୟରେ ବେଆଇନ ବାଣ ପ୍ରସ୍ତୁତି ବେଳେ ଅଗ୍ନିକାଣ୍ଡ ଘଟି ବ୍ୟାପକ କ୍ଷୟକ୍ଷତି ହେବା ସହ ବହୁ ଜୀବନହାନି ଘଟିଥିଲା। ଆଗକୁ ଦୀପାବଳୀ ଥିବାରୁ ବେଆଇନ ଭାବେ ତିଆରି କରୁଥିବା ବାଣ କାରଖାନା ଉପରେ ପୋଲିସ ପକ୍ଷରୁ ଚଢାଉ କରାଯିବ ବୋଲି ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଛି।

# ବାଲିଆରେ ରକ୍ତଦାନ ଶିବିର



ଶିବିରରେ ଯୁବକମାନେ ରକ୍ତଦାନ କରୁଛନ୍ତି।

**ରେମୁଣା,୧୨।୧୦(ଡି.ଏନ.ଏ.)**

ବାଲିଆ ଦୁର୍ଗାପୂଜା କମିଟି ଏବଂ ଏଚଡ଼ିଏଫ୍‌ସି ବ୍ୟାଙ୍କ୍‌ର ମିଳିତ ସହଯୋଗରେ ବାଲିଆ ଦୁର୍ଗା ପୂଜା ପେଣ୍ଡାଲରେ ଏକ ରକ୍ତଦାନ ଶିବିର ଶନିବାର ଅନୁଷ୍ଠିତ ହୋଇଛି। ଶିବିରକୁ ପୂର୍ବତନ ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ ଉଦ୍‌ଘାଟନ କରିବା ସହ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂଜା କମିଟି ସଭାପତି ସୁରେନ୍ଦ୍ର ନାଥ କର, ସମ୍ପାଦକ ସୁକୁମାର ଦାସ, ସଭ୍ୟ ମନ୍ମଥ ଘଡ଼େଇ, ଗୌରାଙ୍ଗ ବେହେରା, ଦେବବ୍ରତ ନନ୍ଦ, ସର୍ବେଶ୍ୱର ଦାସ, ଦୀପକ ଦେ, ସଞ୍ଜୟ ଭୂୟାଁ ଏବଂ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ପକ୍ଷରୁ ପ୍ରଭାକର ବେହେରା, ଲିପୁନ ସାମନ୍ତରାୟ, ଚିନ୍ମୟ ପାଢ଼ୀ, ଦେବାଶିଷ ପାଣିଙ୍କ ନେତୃତ୍ୱରେ ଶିବିର ପରିଚାଳିତ ହୋଇଥିଲା। ଜିଲା ରକ୍ତଭଣ୍ଡାର ପକ୍ଷରୁ ରକ୍ତ ସଂଗ୍ରହ କରାଯାଇଥିଲା। ଶିବିରରୁ ୪୬ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା।

### ୨ ବର୍ଷ ପରେ କାର୍ଯ୍ୟକ୍ଷମ ହେଲା ପମ୍ପ ହାଉସ

**ଔପଦା, ୧୨।୧୦(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଔପଦା ବ୍ଲକ ଗଡ଼ସାହି ପଞ୍ଚାୟତ ଜାନିକାପାଳ ଓ ପଣ୍ଡୁଆ ରାଜସ୍ୱ ଗ୍ରାମରେ ଅଚଳ ହୋଇପଡ଼ିଥିବା ପାଣି ପମ୍ପହାଉସ କାର୍ଯ୍ୟକ୍ଷମ ହୋଇଛି। ଦୀର୍ଘ ୨ ବର୍ଷରୁ ଊର୍ଦ୍ଧ୍ୱ ଦିନ ଧରି ପମ୍ପହାଉସ ଯାନ୍ତ୍ରିକ ତ୍ରୁଟି ଯୋଗୁ ବନ୍ଦ ହୋଇପଡ଼ିଥିଲା। ଫଳରେ ୨ଟି ଗ୍ରାମର ଦୁଇ ହଜାରରୁ ଊର୍ଦ୍ଧ୍ୱ ଲୋକ ପିଇବା ପାଣି ପାଇଁ ନାନା ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏହାର ମରାମତି ଲାଗି ଗ୍ରାମବାସୀ ଦାବି କରିଆସୁଥିଲେ। ପଞ୍ଚାୟତର ପୂର୍ବତନ ସରପଞ୍ଚ ନିରଞ୍ଜନ ମଲ୍ଲିକ ଓ ପମ୍ପ ହାଉସର ଅପରେଟର ଜୟରାମ ସାମଲଙ୍କ ଉଦ୍ୟମ ତଥା ଜଳଯୋଗାଣ ବିଭାଗର କନିଷ୍ଠଯନ୍ତ୍ରୀ ଭାଗିରଥି ଦାସଙ୍କ ସହଯୋଗରେ ପମ୍ପ ହାଉସ୍ କାର୍ଯ୍ୟକ୍ଷମ ହୋଇଥିବାରୁ ଦୁଇ ଗ୍ରାମର ବାସିନ୍ଦା ଖୁସି ବ୍ୟକ୍ତ କରିଛନ୍ତି।

# ମୋନାର ସ୍ୱତନ୍ତ୍ର ଅଧିବେଶନ

**ବାଲେଶ୍ୱର ଅଫିସ,୧୨।୧୦**



ସ୍ୱତନ୍ତ୍ର ଅଧିବେଶନରେ ମୋନାର କର୍ମକର୍ତ୍ତା।

'ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ (ମୋନା) ପକ୍ଷରୁ ଅକ୍ଟୋବର ୨ ତାରିଖ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ଅବସରରେ ବାଲେଶ୍ୱର ସହରରେ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା। ନେଳିଆବାଗସ୍ଥିତ ଜିଲା କାର୍ଯ୍ୟାଳୟରେ ଶୁକ୍ରବାର ଅପରାହ୍ନରେ ଏକ ସ୍ୱତନ୍ତ୍ର ଅଧିବେଶନ ଡକାଯାଇ ଉକ୍ତ କାର୍ଯ୍ୟକ୍ରମର ସମୀକ୍ଷା କରାଯାଇଛି।

ବରିଷ୍ଠ ଆଇନଜୀବୀ ପ୍ରଭାକର ସାହୁ ଅଧ୍ୟକ୍ଷତା କରିଥିଲେ। ସଦସ୍ୟାସଦସ୍ୟମାନେ ଆଲୋଚନାରେ ଅଂଶଗ୍ରହଣ କରି ଗାନ୍ଧୀ ଜୟନ୍ତୀରେ ଗତ ୫ବର୍ଷ ଧରି ନିଶାମୁକ୍ତ ସମାଜ ଗଠନ ଦାବିରେ 'ମୋନା' ତରଫରୁ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଆସୁଥିଲେ ମଧ୍ୟ ଚଳିତବର୍ଷର କାର୍ଯ୍ୟକ୍ରମ ଅତ୍ୟନ୍ତ ଶୃଙ୍ଖଳିତ ହୋଇଥିବା ମତ ଦେଇଥିଲେ। ଜିଲାର ବିଭିନ୍ନ ବ୍ଲକ ଓ ପଞ୍ଚାୟତରୁ ଆସିଥିବା ସଦସ୍ୟମାନଙ୍କୁ ସାଧାରଣ ସମ୍ପାଦିକା ମମତା ମହାପାତ୍ର କୃତଜ୍ଞତା ଜଣାଇଥିଲେ। କୋଷାଧ୍ୟକ୍ଷ ଡ. କ୍ଷିତୀଶ୍ୱର ଦାଶ ଆୟବ୍ୟୟର ବିବରଣୀ ଆଗତ କରିଥିଲେ। ଉପଦେଷ୍ଟା ସୁବ୍ରତ କର ଜିଲା କମିଟିର ପଞ୍ଜୀକରଣ ପାଇଁ ଗୁରୁତ୍ୱ ଆରୋପ କରିଥିଲେ। କମଳାକାନ୍ତ ଦାଶ ପ୍ରସ୍ତାବିତ ପଞ୍ଜୀକରଣ ଚିଠା ପ୍ରସ୍ତାବ ଆଗତ କରିଥିଲେ। ଆଲୋଚନାରେ ଡ. ଅକ୍ଷୟ କୁମାର ତ୍ରିପାଠୀ, ଗୌରାଙ୍ଗ ପାଣିଗ୍ରାହୀ, ପ୍ରଫୁଲ୍ଲ କୁମାର ଦାସ, କୁମୁଦ ରଞ୍ଜନ ଗିରି, ଡ. କେଶବ ଚରଣ ପଣ୍ଡା, ଅରୁଣା ରାୟ, ହେମଲତା ଦାସ, ସରସ୍ୱତୀ ପଣ୍ଡା, ରମେଶଚନ୍ଦ୍ର ଜେନା, ସୀତାନାଥ ଦାସ, ବୀରେନ୍ଦ୍ର ନାରାୟଣ ପ୍ରହରାଜ, ମିନତି କର, ପ୍ରଣିତା ମିଶ୍ର, ବେଣୁଧର ପାଲ, ଶଶାଙ୍କ ଶେଖର ଦତ୍ତ, ଜ୍ୟୋତ୍ସ୍ନା ରାୟ, ଯୋଗେଶ ଚନ୍ଦ୍ର ପ୍ରଧାନ ଓ ରାଜକିଷନ୍ ମିଶ୍ର ଅଂଶଗ୍ରହଣ କରିଥିଲେ।

# ମୋତିଆବିନ୍ଦୁ ଚିହ୍ନଟ, ଚକ୍ଷୁ ଅସ୍ତ୍ରୋପଚାର ଶିବିର

**ବାଲେଶ୍ୱର ଅଫିସ,୧୨।୧୦**

ବାଲେଶ୍ୱର ରୋଟାରୀ ଚକ୍ଷୁ ଚିକିତ୍ସାଳୟ ଓ ସାମାଜିକ ସଙ୍ଗଠନ ଆଚ୍ଛାର ମିଳିତ ଉଦ୍ୟମରେ ଚକ୍ଷୁ ଦିବସ ଉପଲକ୍ଷେ ଶନିବାର ସ୍ଥାନୀୟ ବଡ଼ଖୁଆସ୍ଥିତ ମଧୁସୂଦନ ଉଚ୍ଚ ସରକାରୀ ବିଦ୍ୟାଳୟରେ ମୋତିଆବିନ୍ଦୁ ଚିହ୍ନଟ ଓ ମାଗଣା ଚକ୍ଷୁ ଅସ୍ତ୍ରୋପଚାର ଶିବିର ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଚକ୍ଷୁ ବିଶେଷଜ୍ଞ ଡା. ଦେବେନ୍ଦ୍ର କୁମାର ରାଉତ, ଟେକ୍ନିସିଆନ୍ ଝାନସୀ ଦଳାଇ ଓ ଅମ୍ରିତା ଦାସ ସମସ୍ତ ରୋଗୀଙ୍କୁ ପରୀକ୍ଷା କରି କିଛି ମୋତିଆବିନ୍ଦୁ ରୋଗୀ ଚିହ୍ନଟ କରିଥିଲେ। ବିଶ୍ୱଦୀପ ପଣ୍ଡା, ବିକ୍ରମଜିତ୍ କର, କଲ୍ୟାଣ ଚାନ୍ଦ, ସୁବ୍ରତ କର ବିଦ୍ୟାଳୟ ପ୍ରଧାନଶିକ୍ଷକ ନନ୍ଦ ଦୁଲାଲ୍ ମଣ୍ଡଳ, ବିଦ୍ୟାଳୟର ସଭାପତି ଅନ୍ତର୍ଯ୍ୟାମୀ ବାରିକ, ଭୀମ ମଣ୍ଡଳ ପ୍ରମୁଖ ଉପସ୍ଥିତ ଥିଲେ। ଆଚ୍ଛା ସଙ୍ଗଠନର ସମ୍ପାଦକ ରଣଜିତ୍ କୁମାର ପୃଷ୍ଟିଙ୍କ ସମେତ ରାଜେଶ ପାଣ୍ଡିଆ, ରାଜେନ୍ଦ୍ର ବାରିକ ଓ ସୁଶାନ୍ତ ସାହୁ ପ୍ରମୁଖ ସହଯୋଗ କରିଥିଲେ। ଉକ୍ତ ଶିବିରରେ ଶତାଧିକ ରୋଗୀ ସେବା ପାଇଥିଲେ।



ଶିବିରରେ ଡାକ୍ତର ଓ ରୋଗୀ।

# ଶୋଭାରାମପୁରରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଲୋକାର୍ପିତ

**ବାଲେଶ୍ୱର ଅଫିସ, ୧୨।୧୦**



ସ୍ୱାସ୍ଥ୍ୟକେନ୍ଦ୍ରର ଲୋକାର୍ପଣ ପରେ ବିଧାୟକ ଓ ଅନ୍ୟମାନେ ବିଭାଗଗୁଡ଼ିକୁ ବୁଲି ଦେଖୁଛନ୍ତି।

ବାଲେଶ୍ୱର ସହରସ୍ଥିତ ଶୋଭାରାମପୁର ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ସଦର ବିଧାୟକ ମଦନମୋହନ ଦତ୍ତ ଶନିବାର ଆନୁଷ୍ଠାନିକ ଭାବେ ଲୋକାର୍ପଣ କରିଛନ୍ତି। ଜାତୀୟ ସ୍ୱାସ୍ଥ୍ୟମିଶନ ଯୋଜନାରେ ନିର୍ମିତ ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ବିଭିନ୍ନ ବିଭାଗ ଖୋଲାଯାଇଛି। ଏହାଦ୍ୱାରା ଶୋଭାରାମପୁର ଏବଂ ଏହାର ଆଖପାଖ ଅଞ୍ଚଳର ଲୋକେ ଉପକୃତ ହୋଇପାରିବେ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସାଧାରଣ ଜନତାଙ୍କ ସ୍ୱାସ୍ଥ୍ୟ ପ୍ରତି ସବୁବେଳେ ଯତ୍ନଶୀଳ। ତେଣୁ ସାଧାରଣ ଲୋକଙ୍କ ପାଇଁ ଦେଶରେ 'ଆୟୁଷ୍ମାନ ଯୋଜନା' ଲାଗୁ କରିଛନ୍ତି। କିନ୍ତୁ ରାଜ୍ୟ ସରକାରଙ୍କ ହୀନ ରାଜନୀତି ପାଇଁ ରାଜ୍ୟରେ ଗରିବ ଲୋକ ଏହି ଯୋଜନାରୁ ବଞ୍ଚିତ ଅଛନ୍ତି। ବାଲେଶ୍ୱରରେ ମେଡିକାଲ କଲେଜ ଖୋଲାଗଲା, ଏମ୍ସରେ ସାଟେଲାଇଟ୍ ସେଣ୍ଟର ଖୋଲାଗଲା, କିନ୍ତୁ ରାଜ୍ୟ ସରକାର ଡାକ୍ତର ଯୋଗାଇବାରେ ଅସମର୍ଥ। ରାଜ୍ୟ ସରକାରଙ୍କର ସାଧାରଣ ଲୋକଙ୍କ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ନାହିଁ। ଅତିଶୀଘ୍ର ବାଲେଶ୍ୱରଠାରେ 'ଆୟୁଷ ହସ୍ପିଟାଲ' ମଧ୍ୟ ପ୍ରତିଷ୍ଠା ପାଇଁ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଅନୁରୋଧ କରାଯାଇଛି ବୋଲି ସଦର ବିଧାୟକ ଦତ୍ତ ପ୍ରକାଶ କରିଛନ୍ତି। ଡ. ଅନିଲ କୁମାର ସ୍ୱାଇଁ, ଫାର୍ମାସିଷ୍ଟ ରଘୁନାଥ ନାୟକ, ଷ୍ଟାଫ୍ ନର୍ସ ଉପସ୍ମିତା ଦାସ, ହିସାବରକ୍ଷକ ଭାବେ ଶୁଭେନ୍ଦୁ ସାହୁ ଏବଂ ତପନ ନାୟକ ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ର ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ସମାରୋହରେ ସୀତାକାନ୍ତ ସ୍ୱାଇଁ, ଚିତ୍ତରଞ୍ଜନ ପଣ୍ଡା, କୈଳାସ ବିହାରୀ ଦାସ, ରବିନାରାୟଣ ମହାପାତ୍ର, ଗଙ୍ଗାଧର ରାଉତ, କୌଶିକ ଚାନ୍ଦ, ଧୀରଜ ମହାନ୍ତି, ପିଙ୍କି ପ୍ରଧାନ, ସଂଯୁକ୍ତା ମହାପାତ୍ର, ଶ୍ରୀୟା ଦାସ, ଅଜିତ୍ ମିଶ୍ର, ଗୌରାଙ୍ଗ ଦାସ, ସେଖ ସାବିତ, ଅରୂପ ଜେନା ପ୍ରମୁଖଙ୍କ ସହ ଗ୍ରାମବାସୀ ଉପସ୍ଥିତ ଥିଲେ।

# ବୁଢ଼ାବଳଙ୍ଗରେ ହୋଇପାରୁନି ଆଡ଼ିବନ୍ଧ

## ଫାଇଲିନକୁ ବିତିଲା ୬ ବର୍ଷ

- ଏଯାଏ ମନରୁ ଲିଭିନି ଲୋମଟାଙ୍କୁରା ଅନୁଭୂତି
- କଥାରେ ଅଟକିଛି ରିଂରୋଡ୍, ବିପର୍ଯ୍ୟୟ ମୁକାବିଲା
- ପ୍ରଶାସନିକ ଓ ରାଜନୈତିକ ଇଚ୍ଛାଶକ୍ତି ଅଭାବ



**ବାରିପଦା ଅଫିସ,୧୨।୧୦**

ସେଦିନ ଥିଲା ୨୦୧୩ ଅକ୍ଟୋବର ୧୩ ତାରିଖର କାଳ ରାତ୍ରି । ଫାଇଲିନ ବାତ୍ୟା ପ୍ରଭାବରେ ଫୁଲି ଉଠିଥିଲା ବୁଢ଼ାବଳଙ୍ଗ। ଚାହୁଁଚାହୁଁ ସେହି ରାତିରେ ବାରିପଦା ସହର ଜଳମଗ୍ନ ହୋଇପଡିଲା। ଜୀବନ ବଞ୍ଚାଇବା ଲାଗି ବିକଳରେ ଅନେକ ଲୋକ ଉଚ୍ଚ ଓ ନିରାପଦ ସ୍ଥାନକୁ ଯାଇ ଆଶ୍ରୟ ନେଇଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟରେ ପଶିଥିଲା ପାଣି, ଯାହା ରୋଗୀଙ୍କ ଲାଗି ସଙ୍କଟ ସୃଷ୍ଟି କରିଥିଲା। ଏହି ବନ୍ୟା ବିପର୍ଯ୍ୟୟରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବା ବେଳେ ଅନେକ ଧନ ସମ୍ପତ୍ତି, ଘରର ଆସବାବପତ୍ର ଉଜୁଡି ଯାଇଥିଲା। ସେହି ଲୋମଟାଙ୍କୁରା ବନ୍ୟା ଓ ବାତ୍ୟା ବିଭୀଷିକାକୁ ୬ ବର୍ଷ ବିତିଲାଣି। ସେଦିନର କ୍ଷତ ଓ ଦୁଃଖଦ ଅନୁଭୂତି ଏଯାଏ ମନରୁ ଲିଭିନି। ସହରକୁ ବନ୍ୟା ବିପର୍ଯ୍ୟୟରୁ ରକ୍ଷା କରିବା ସକାଶେ ବୁଢ଼ାବଳଙ୍ଗ ନଦୀ ତଟରେ ଆଡିବନ୍ଧ ନିର୍ମାଣ ଯୋଜନା କେବଳ ଘୋଷଣାରେ ସୀମିତ ହୋଇରହିଛି।

ଉଲ୍ଲେଖନୀୟ ଯେ, ଫାଇଲିନ୍ ବାତ୍ୟା ଓ ବନ୍ୟା ବିପର୍ଯ୍ୟୟ ପରେ ବାରିପଦା ସହର ନିକଟ ବୁଢ଼ାବଳଙ୍ଗ ନଦୀରେ ଆଡିବନ୍ଧ ନିର୍ମାଣ କରାଯିବ ବୋଲି ରାଜ୍ୟ ସରକାର ଘୋଷଣା କରିଥିଲେ। ଏହା ପରେ ୧୧୭ ତମ ଟେକନିକାଲ ଆଡଭାଇଜରି କମିଟି (ଟିଏସି) ବୈଠକରେ ଏ ନେଇ ଆଲୋଚନା ହୋଇଥିଲା। କୁଚେଇ ଘାଟଠାରୁ ଦାମୋଦର ଘାଟ ପର୍ଯ୍ୟନ୍ତ ୩ ପର୍ଯ୍ୟାୟରେ ଆଡିବନ୍ଧ ନିର୍ମାଣ ହେବ ଏବଂ ଏଥିଲାଗି ପ୍ରାଥମିକ ପର୍ଯ୍ୟାୟରେ ୬୨ କୋଟି ୩୪ ଲକ୍ଷ ଟଙ୍କା ଅନୁମୋଦନ କରିବା ସକାଶେ କମିଟି ସୁପାରିସ କରିଥିଲା। କିନ୍ତୁ ପ୍ରଶାସନିକ ଓ ରାଜନୈତିକ ଇଚ୍ଛାଶକ୍ତି ଅଭାବ କାରଣରୁ ଏଯାଏ ଆଡ଼ିବନ୍ଧ ନିର୍ମାଣ ସମ୍ଭବ ହୋଇ ନାହିଁ। ବାରିପଦା ସହରର ସୁରକ୍ଷା ଲାଗି ବୁଢ଼ାବଳଙ୍ଗ ନଦୀରେ ଆଡିବନ୍ଧ ନିର୍ମାଣ କରିବା ସକାଶେ ମଧୁବନ ଡେଭଲପମେଣ୍ଟ କମିଟି ଦୀର୍ଘଦିନ ହେବ ଦାବି କରିଆସୁଛି। ଏ ନେଇ ମୁଖ୍ୟମନ୍ତ୍ରୀ, ଜଳ ସମ୍ପଦ ସଚିବ, ବିଭାଗୀୟ ସଚିବଙ୍କ ସମେତ ଜିଲାପାଳ ଓ ବିଭିନ୍ନ ଅଧିକାରୀଙ୍କୁ ଲିଖିତ ଭାବେ ଅବଗତ କରାଯାଇଛି। ଗତ ଜାନୁୟାରୀ ୩୦ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବାରିପଦାର ଏକ ସରକାରୀ କାର୍ଯ୍ୟକ୍ରମରେ ଯୋଗ ଦେବା ଅବସରରେ ସହରରେ ରିଂ ରାଡ ନିର୍ମାଣ କରାଯିବ ବୋଲି ସୂଚନା ଦେଇଥିଲେ। ଜଳ ସମ୍ପଦ ବିଭାଗର ଜଣେ ଅଧିକାରୀ ସର୍ଭେ କରି ଫେରିଯାଇଥିଲେ ମଧ୍ୟ ଏଯାଏ ଏ ଦିଗରେ ଅନ୍ୟ କୌଣସି ପଦକ୍ଷେପ ନିଆଯାଇ ନାହିଁ। ଏ ସମ୍ପର୍କରେ ମଧୁବନ ଉନ୍ନୟନ ପରିଷଦର ସମ୍ପାଦକ ବିକ୍ରମ କେଶରୀ ଜେନା ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ବୁଢ଼ାବଳଙ୍ଗରେ ରିଂ ରୋଡ ନିର୍ମାଣ ହେଲେ ସହର ସୁରକ୍ଷିତ ରହି ପାରିବ। ଏଥିଲାଗି ବହୁଦିନରୁ ଦାବି କରାଯାଇ ଆସୁଛି। ରାଜ୍ୟ ସରକାରଙ୍କ ଦୁଇଥର ଘୋଷଣା ସତ୍ତ୍ୱେ କାମ ହେଉ ନ ଥିବାରୁ ପରିଷଦ ଏହା ବିରୋଧରେ ଆନ୍ଦୋଳନ ପାଇଁ ସଜବାଜ ହେଉଛି । ୬ ବର୍ଷ ତଳର ସେହି କାଳରାତ୍ରିର ସ୍ମୃତି ମନେ ପକାଇ ସ୍ଥାନୀୟ ୭ ନମ୍ବର ୱାର୍ଡର ବାସିନ୍ଦା ବିକାଶ ନାୟକ କହନ୍ତି, ନଦୀ ଉପର ମୁଣ୍ଡରୁ ହଠାତ ବଢି ପାଣି ଆସିବା ଫଳରେ ତାଙ୍କ ଘରେ ବନ୍ୟା ପାଣି ପଶିଥିଲା। କୌଶଳ କ୍ରମେ ସେମାନେ ଘରୁ ବାହାରି ଆସି ଜୀବନ ବଞ୍ଚାଇଥିଲେ। ଘରେ ଥିବା ସମସ୍ତ ଜିନିଷପତ୍ର ନଷ୍ଟ ହୋଇ ଯାଇଥିଲା। ଆଜି ବି ଏହି ରାତି କଥା ମନେପଡିଲେ ଦେହ ଥରିଯାଏ। ସେହିପରି ୯ ନମ୍ବର ୱାର୍ଡ ବାସିନ୍ଦା କିଶୋର ବେହେରା କୁହନ୍ତି, ସେହି ରାତିରେ ଫାଇଲିନର ତାଣ୍ଡବ ନ ଦେଖିଲା ଲୋକେ ଏହାକୁ ବିଶ୍ୱାସ କରିପାରିବ ନାହିଁ। ଘରେ ପାଣି ପଶି ଯିବାରୁ ସାରାରାତି ପରିବାର ଲୋକଙ୍କୁ ବାହାରେ ରହିବାକୁ ପଡିଥିଲା। ପରଦିନ ସକାଳେ ପ୍ରଶାସନ ସେମାନଙ୍କୁ ଉଦ୍ଧାର କରି ରିଲିଫ ଶିବିରକୁ ନେଇଥିଲା। ଏଭଳି ପରିସ୍ଥିତିର ପୁନରାବୃତ୍ତି ନ ହେବା ଲାଗି ସହରକୁ ସୁରକ୍ଷିତ ରଖାଯିବା ଦରକାର।

## ସଂକ୍ଷେପରେ

### ଶିବିରରେ ୪୦ ୟୁନିଟ୍ ରକ୍ତ ସଂଗ୍ରହ



**ଖୁଣ୍ଟା,୧୨।୧୦(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗର ବ୍ଲକ ଅଧୀନ ଚିତଉଦା ପ୍ରାଥମିକ ବିଦ୍ୟାଳୟରେ ଶୁକ୍ରବାର ମହାବୀର ସେବା ସଂଘ ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ମୟୂରଭଞ୍ଜ ଏମ୍‌ପି ବିଶେଶ୍ୱର ଟୁଡୁ, ଉଦଳା ବିଧାୟକ ଭାସ୍କର ମଢ଼େଇ ଓ ରାଣିବନ୍ଧ ପଞ୍ଚାୟତର ସରପଞ୍ଚ ପଦ୍ମିନୀ ଟୁଡୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ । ସରପଞ୍ଚ ଟୁଡୁଙ୍କ ସମେତ ୪୦ ଜଣ ମହିଳା ପୁରୁଷ ରକ୍ତଦାନ କରିଥିଲେ। ମୋଟ ୪୦ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା । ଉଦଳା ରେଡକ୍ରସ ବିଭାଗରୁ ଡା. ଶିଶିର ବେହେରାଙ୍କ ନେତୃତ୍ୱରେ ଆସିଥିବା ଟେକ୍ନିସିଆନ ଦଳ ରକ୍ତ ସଂଗ୍ରହ କରିଥିଲେ । ଆୟୋଜକ ସଂସ୍ଥାର ସଭାପତି ପ୍ରମୋଦ କୁମାର ଦାସ, ସମ୍ପାଦକ ହିମାଂଶୁ ଶେଖର ସାହୁ ଓ ଅନ୍ୟ ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ ।

### କାର୍‌କୁ ପିଟିଲା ଟ୍ରକ୍

**ରାଇସୁଆଁ,୧୨।୧୦(ଡି.ଏନ.ଏ.):** କେନ୍ଦୁଝର ଜିଲା ସଦର ଥାନା ଅନ୍ତର୍ଗତ ପଦ୍ମପୁର ଠାରେ ଶନିବାର ସକାଳ ୮ଟା ସମୟରେ ଏକ ଟ୍ରକ କାର ପଛପଟୁ ଧକ୍କା ଦେବା ଫଳରେ କାର ମଧ୍ୟରେ ଥିବା ୪ଜଣ ଯାତ୍ରୀ ଆହତ ହୋଇଛନ୍ତି। ସଦର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗାଡିଦୁଇଟିକୁ ଜବତ କରି ତଦନ୍ତ ଜାରି ରଖିଛି।

### ସ୍ୱାସ୍ଥ୍ୟ ବିଭାଗ ତତ୍ପର, କର୍ମଚାରୀଙ୍କ ଛୁଟି ବାତିଲ

**ବାରିପଦା ଅଫିସ,୧୨।୧୦:** କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଗଠିତ କମନ ରିଭ୍ୟୁ ମିଶନ (ସିଆରଏମ)ର ପ୍ରତିନିଧିଦଳ ଓଡିଶା ଗସ୍ତରେ ଆସିବେ। ସେମାନେ ମୟୂରଭଞ୍ଜ ଓ କନ୍ଧମାଳ ଜିଲା ଗସ୍ତ କରିବା କାର୍ଯ୍ୟକ୍ରମ ରହିଛି। ବାରିପଦାକୁ ସିଆରଏମର ପ୍ରତିନିଧିଦଳ ଆସନ୍ତା ୧୬ରୁ ୨୩ ତାରିଖ ମଧ୍ୟରେ ଆସିବା କାର୍ଯ୍ୟକ୍ରମ ରହିଛି। ଏଥିପାଇଁ ଜିଲା ସ୍ୱାସ୍ଥ୍ୟ ବିଭାଗ ତତ୍ପର ହୋଇଉଠିଛି। ଏହି ପ୍ରତିନିଧିଦଳର ଗସ୍ତ ନ ସରିବା ପର୍ଯ୍ୟନ୍ତ ଜିଲାର ସମସ୍ତ ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀ ଓ ଅଧିକାରୀଙ୍କ ଛୁଟି ବାତିଲ କରାଯାଇଛି। ଏ ନେଇ ଚିଠି ନଂ. ୪୩୪୪/ ତା୨।୧୦।୨୦୧୯ରିଖରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ନିର୍ଦ୍ଦେଶ ଦେଇଛନ୍ତି। ମୟୂରଭଞ୍ଜ ଜିଲାକୁ ଆସୁଥିବା ସିଆରଏମ ପ୍ରତିନିଧି ଦଳରେ ଡା. ବିକେ ସ୍ୱାଇଁ, ଡା. ଆରଆର ଶତପଥୀ, ମାନସ ଖରା, ସନ୍ତୋଷ ନାୟକ, ଦିଲୀପ ଦାଶ, ସ୍ୱରୂପ ଦାସ, ଶିବ ସୂତାର ଓ ମୃତ୍ୟୁଞ୍ଜୟ ରଥ ପ୍ରମୁଖ ରହିଛନ୍ତି। ଏମାନେ ଜିଲା ମୁଖ୍ୟ ଚିକିତ୍ସାଳୟ, ଉପଖଣ୍ଡ ଚିକିତ୍ସାଳୟ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରି ଜାତୀୟ ସ୍ୱାସ୍ଥ୍ୟ ମିଶନ ତଥା ବିଭିନ୍ନ ଯୋଜନା ଦ୍ୱାରା ଦିଆଯାଉଥିବା ସ୍ୱାସ୍ଥ୍ୟସେବା ଓ ଭିତ୍ତିଭୂମିର ସମୀକ୍ଷା କରିବେ। ଏଥିଲାଗି ଜିଲା ମୁଖ୍ୟ ଚିକିତ୍ସାଳୟ ସମେତ ଜିଲାର ସମସ୍ତ ଚିକିତ୍ସାଳୟରେ ଭିତ୍ତିଭୂମି ସଜାଡିବାରେ କର୍ମଚାରୀ ଓ ଅଧିକାରୀ ଲାଗି ପଡିଛନ୍ତି। ସେହିପରି ରାଜ୍ୟ ସରକାରଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା 'ମୋ ସରକାର କାର୍ଯ୍ୟକ୍ରମ'ର କାର୍ଯ୍ୟକାରିତା ଯାଞ୍ଚ କରିବା ପାଇଁ ରବିବାର ଜିଲା ମୁଖ୍ୟ ଚିକିତ୍ସାଳୟ ତଥା ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜକୁ ଏକ ଉଚ୍ଚସ୍ତରୀୟ କମିଟି ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି। ଏଥିପାଇଁ ଜିଲାପାଳ ବିନିତ ଭରଦ୍ୱାଜଙ୍କ ନିର୍ଦ୍ଦେଶ କ୍ରମେ ଚିଠି ନଂ ୫୯୪୭ (୧୧।୧୦।୨୦୧୯) ରେ ଜିଲା ମୁଖ୍ୟ ଚିକିତ୍ସାଳୟ ତଥା ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ କାର୍ଯ୍ୟରତ ସମସ୍ତ ଡାକ୍ତର, ପାରାମେଡିକାଲ ଷ୍ଟାଫ, ଜାତୀୟ ସ୍ୱାସ୍ଥ୍ୟ ମିଶନର କର୍ମଚାରୀ ଓ ସମସ୍ତ କର୍ମଚାରୀଙ୍କ ଛୁଟି ବାତିଲ କରିବା ସହିତ ଜିଲା ମୁଖ୍ୟାଳୟରେ ଉପସ୍ଥିତ ରହିବାକୁ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଦର୍ଶାଇଛନ୍ତି।

## ପୁରାତନ ଛାତ୍ରୀଛାତ୍ରଙ୍କ ସମ୍ମିଳନୀ

**ଖୁଣ୍ଟା, ୧୨।୧୦(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ଖୁଣ୍ଟା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଶନିବାର ପୁରାତନ ଛାତ୍ରୀଛାତ୍ରଙ୍କ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଯୋଗେଶ୍ୱର ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରି ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ। ପ୍ରଧାନଆଚାର୍ଯ୍ୟ ଗୌରୀଶଙ୍କର ସିଂ ପୌରୋହିତ୍ୟ କରି ସମ୍ମିଳନୀର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ମୁଖ୍ୟଅତିଥି ନାୟକ ବକ୍ତବ୍ୟରେ କହିଥିଲେ, ପୁରାତନ ଛାତ୍ରୀଛାତ୍ର ସଂଘର୍ଷ କରି ପାହାଚ ପରେ ପାହାଚ ଚଢି ଶିକ୍ଷାନୁଷ୍ଠାନର ଗୌରବ ବଢାଇଛନ୍ତି। ସେମାନେ ଶିକ୍ଷାନୁଷ୍ଠାନର ବିକାଶରେ ଭାଗୀଦାର ହେଲେ ଶିକ୍ଷାର ମାନ ବୃଦ୍ଧି ପାଇ ପାରିବ। ଏହି ଅବସରରେ ପୁରାତନ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସାଧାରଣ ଜ୍ଞାନ ପରୀକ୍ଷା କରାଯାଇଥିଲା। ଶେଷରେ କୃତୀ ବିବେଚିତ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଶିକ୍ଷକ ଲମ୍ବୋଦର ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ। ସମର କୁମାର ମିଶ୍ରଙ୍କ ସମେତ ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଟ୍ରକ୍ ଚୋରି ଉଦ୍ୟମ, ଅଭିଯୁକ୍ତଙ୍କୁ ଧରି ନିସ୍ତୁକ ପିଟିଲେ

**ଯୋଡ଼ା ୧୨।୧୦(ଡି.ଏନ.ଏ.)**

କେନ୍ଦୁଝର ଜିଲା ବାମେବାରୀ ଥାନା ଅନ୍ତର୍ଗତ ଜୁରୁଡି ହାଟପଦାଠାରେ ଟ୍ରକ ଚୋରି ଉଦ୍ୟମ କରୁଥିବା ଜଣେ ଯୁବକଙ୍କୁ ସ୍ଥାନୀୟ ଲୋକେ ଧରି ମାଡ ମାରିବା ସହିତ ପୋଲିସରେ ଜିମା ଦେଇଛନ୍ତି। ଶୁକ୍ରବାର ସନ୍ଧ୍ୟାରେ ଜୁରୁଡିସ୍ଥିତ ହାଟପଦାଠାରେ ଏକ ୧୨ ଚକିଆ ଟ୍ରକ୍‌ର ଡ୍ରାଇଭର ଏକ ଚକ ମରାମତି କରିବାକୁ ଯାଇଥିବା ବେଳେ ଏହି ସୁଯୋଗରେ ରବୀନ୍ଦ୍ର କୁମାର ସାଓ ନାମକ ଜଣେ ଯୁବକ ଟ୍ରକକୁ ଚୋରି କରି ନେଉଥିଲେ। ସ୍ଥାନୀୟ ଲୋକେ ଏହା ଜାଣିପାରି ତାଙ୍କୁ ଧରି ନିସ୍ତୁକ ମାଡ ମାରି ପୋଲିସକୁ ଖବର ଦେଇଥିଲେ । ଅଭିଯୁକ୍ତ ରବୀନ୍ଦ୍ରଙ୍କ ଘର ମଧ୍ୟପ୍ରଦେଶ ରାଜ୍ୟର ହୁସିଆରି ଗ୍ରାମରେ। ଏନେଇ ଟ୍ରକ ମାଲିକ ପ୍ରଦୀପ କୁମାର ବେହେରା ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୧୩୩/୧୯) ରୁଜୁ କରି ଆହତ ଅଭିଯୁକ୍ତଙ୍କୁ ଟାଟାଷ୍ଟିଲ ଡାକ୍ତରଖାନାରେ ଭର୍ତ୍ତି କରିଥିବା ଥାନା ଅଧିକାରୀ ପରେଶ କୁମାର ମହାନ୍ତି ସୂଚନା ଦେଇଛନ୍ତି।



ମୟୂରଭଞ୍ଜ ଜିଲା ଆପତ୍କାଳୀନ ବୈଠକରେ ଉପସ୍ଥିତ ଜିଲାପାଳ ଓ ଅନ୍ୟମାନେ।

## ଶିଳ୍ପ ସୁରକ୍ଷା ବ୍ୟବସ୍ଥା ପ୍ରତି ସଜାଗ ରୁହ

### ଜିଲା ଆପତ୍‌କାଳୀନ ପରିଚାଳନା ବୈଠକରେ ଗୁରୁତ୍ୱାରୋପ

**ବାରିପଦା ଅଫିସ,୧୨।୧୦**

ବିଭିନ୍ନ ଶିଳ୍ପ ସଂସ୍ଥା ଓ ଏହାର ପାରିପାର୍ଶ୍ୱିକ ଅଞ୍ଚଳରେ ଆପତ୍‌କାଳୀନ ସ୍ଥିତିରେ ପ୍ରତିକାର ବ୍ୟବସ୍ଥା ଦିଗରେ ସତର୍କତା ଅବଲମ୍ବନ ସହ ରାସାୟନିକ ଦ୍ରବ୍ୟର ବ୍ୟବହାର ଓ ପରିଚାଳନା କ୍ଷେତ୍ରରେ ସରକାରଙ୍କ ନିର୍ଦ୍ଦେଶାବଳୀ ପାଳନ ଜରୁରୀ। ଏ ନେଇ ମୟୂରଭଞ୍ଜ ଜିଲା ଆପତ୍‌କାଳୀନ ବୈଠକରେ ଗୁରୁତ୍ୱାରୋପ କରାଯାଇ ସଜାଗ ରହିବାକୁ ପରାମର୍ଶ ଦିଆଯାଇଛି।

ଜିଲାପାଳ ବିନୀତ ଭରଦ୍ୱାଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜିଲା ଆପତ୍‌କାଳୀନ ବୈଠକରେ ଫ୍ୟାକ୍ଟ୍ରିଜ୍ ଆଣ୍ଡ ବଏଲର୍ସ, ଯାଜପୁର ଡିଭିଜନର ଡେପୁଟି ଡାଇରେକ୍ଟର ଉମେଶ ଚନ୍ଦ୍ର ସୂତାର ଯୋଗ ଦେଇଥିଲେ। ଜିଲା ଜରୁରୀ ଅଧିକାରୀ ସୁଜୟ କୁମାର ପତି, ବାରିପଦା ଅଗ୍ନିଶମ ସେବା ଅଧିକାରୀ, ଜିଲା ସୂଚନା ଲୋକ ସମ୍ପର୍କ ଅଧିକାରୀଙ୍କ ସମେତ ଶିଳ୍ପ କାରଖାନାର ମାଲିକମାନେ ଉପସ୍ଥିତ ଥିଲେ। କଳକାରଖାନାରେ ରାସାୟନିକ ଦ୍ରବ୍ୟର ବ୍ୟବହାର ଓ ଏହାକୁ କିପରି ପରିଚାଳନା କରାଯିବ ସେନେଇ ଆଲୋଚନା କରାଯାଇଥିଲା। କୌଣସି କାରଣ ବଶତଃ ଦୁର୍ଘଟଣା ଘଟିଲେ ଫ୍ୟାକ୍ଟ୍ରିଜ୍ ଆଣ୍ଡ ବଏଲର୍ସ ସୁପରିଚାଳନା ଲାଗି ଉଦ୍ଦିଷ୍ଟ ସରକାରଙ୍କ ପରିବେଶ ନିର୍ଦ୍ଦେଶାବଳୀ ପାଳନ କରିବା ଏବଂ କାରଖାନା ଭିତର ଏବଂ ବାହାର ପାରିପାର୍ଶିକ ଅଞ୍ଚଳ ଲାଗି ଜରୁରିକାଳୀନ ସ୍ଥିତି ସକାଶେ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରାଯିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା।

ମୟୂରଭଞ୍ଜ ଜିଲାର ବିଭିନ୍ନ ଅଞ୍ଚଳ ସମେତ ରାଇରଙ୍ଗପୁର ଅଞ୍ଚଳରେ କାର୍ଯ୍ୟକରୁଥିବା କାରଖାନାରେ ରାସାୟନିକ ପଦାର୍ଥ ପରିଚାଳନା ଲାଗି ଗ୍ରହଣ କରାଯାଉଥିବା ପଦକ୍ଷେପ ସମ୍ପର୍କରେ ସୂଚନା ଦିଆଯାଇଥିଲା। ସ୍ପଞ୍ଜ ଆଇରନ, ବଏଲଡ୍ ଗ୍ୟାସ୍ କାରଖାନାରେ ବ୍ୟବହାର ହେଉଥିବା କାର୍ବନ୍ ଅକ୍ସାଇଡ୍ ଗ୍ୟାସ୍‌ର ପରିଚାଳନା କାର୍ଯ୍ୟ ଦକ୍ଷ କର୍ମଚାରୀଙ୍କ ଦାୟିତ୍ୱରେ କରାଯିବା ଲାଗି ଜିଲାପାଳ ସଂପୃକ୍ତ ଶଇଳ୍ପ ସଂସ୍ଥା କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ। କାରଖାନାର ଅଗ୍ନିନିର୍ବାପକ ବ୍ୟବସ୍ଥା ନେଇ ସଂପୃକ୍ତ ବିଭାଗଠାରୁ ଆବଶ୍ୟକ ପ୍ରମାଣପତ୍ର ଆଣିବା ସକାଶେ ସମସ୍ତ ଫ୍ୟାକ୍ଟ୍ରିଜ୍ ପରିଚାଳକଙ୍କୁ କୁହାଯାଇଥିଲା।

## ସୁବ୍ରତଙ୍କୁ ଭାରତୀୟ ଯୁବ ପୁରସ୍କାର

### ଚାରିଆଡୁ ଛୁଟୁଛି ଶୁଭେଚ୍ଛା ଓ ପ୍ରଶଂସାର ସୁଅ




ଉତ୍ସବରେ ସୁବ୍ରତଙ୍କୁ ଯୁବ ପୁରସ୍କାର ପ୍ରଦାନ କରାଯାଉଛି।

**ବାରିପଦା ଅଫିସ,୧୨।୧୦**

ମୟୂରଭଞ୍ଜ ଜିଲାର ଯୁବ ପ୍ରତିଭା ସୁବ୍ରତ ଦାସ ଓଡ଼ିଶାର ଏକମାତ୍ର ଯୁବକ ଭାବେ ଚଳିତବର୍ଷ ଭାରତୀୟ ଯୁବ ପୁରସ୍କାର ସମ୍ମାନ ଲାଭ କରିଛନ୍ତି। ଉତ୍ତର ପ୍ରଦେଶର ଆଗ୍ରାଠାରେ ଯୁବ ଖେଳକୁଦ ମହାସଂଘ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ତାଙ୍କୁ ଏହି ପୁରସ୍କାର ତଥା ସମ୍ମାନ ମିଳିବା ପରେ ବିଭିନ୍ନ ମହଲରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି। ଚାରିଆଡୁ ଛୁଟିଛି ପ୍ରଶଂସାର ସୁଅ। ବାରିପଦାସ୍ଥିତ ତଖତପୁର ଅଞ୍ଚଳର ମାତା ଭାରତୀ ଦାସ ଓ ପିତା ଦିଲ୍ଲୀପ କୁମାର ଦାସଙ୍କ ପୁତ୍ର ସୁବ୍ରତ ସେବାକାର୍ଯ୍ୟ ପ୍ରତି ରୁଚି ରଖି ଏଭଳି ଉଚ୍ଚ ସମ୍ମାନର ଅଧିକାରୀ ହୋଇପାରିଛନ୍ତି। ପାଠ ପଢ଼ିବା ସମୟରୁ ସେ ବିଭିନ୍ନ ସେବା କାର୍ଯ୍ୟକ୍ରମରେ ଜଡ଼ିତ ରହି ରାଜ୍ୟସ୍ତରରେ ଦୁଇ ଦୁଇ ଥର ପୁରସ୍କୃତ ହୋଇଛନ୍ତି। ଏଥିସହ ଅନେକ ଅନୁଷ୍ଠାନ ତରଫରୁ ମଧ୍ୟ ସମ୍ବର୍ଦ୍ଧିତ ହୋଇଛନ୍ତି।

ଆଗ୍ରା ଠାରେ ଶୁକ୍ରବାର ଆୟୋଜିତ ଭବ୍ୟ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଦିଲ୍ଲୀ ସରକାରଙ୍କଠାରୁ ବି.ଆର. ଆମ୍ବେଦକର ରତ୍ନ ଉପାଧି ଲାଭ କରିଥିବା ଗୋପାଳ ପାହାଡିଆ ମୁଖ୍ୟଅତିଥି ରୂପେ ଯୋଗଦେଇ ବିଭିନ୍ନ ରାଜ୍ୟରୁ ଆସିଥିବା ସ୍ୱେଚ୍ଛାସେବୀ, କ୍ରୀଡ଼ାବିତ ଓ ଶିକ୍ଷାବିତମାନଙ୍କୁ ପୁରସ୍କୃତ କରିଥିଲେ। ସେ ତାଙ୍କ ବକ୍ତବ୍ୟରେ ସମାଜସେବା କାର୍ଯ୍ୟକୁ ବେଶ୍ ପ୍ରଶଂସା କରିଥିଲେ। ଏହି ସର୍ବଭାରତୀୟ ଯୁବ ପୁରସ୍କାର କାର୍ଯ୍ୟକ୍ରମରେ ସମାଜସେବା ପାଇଁ ସୁବ୍ରତଙ୍କ ୩ ଜଣ ପୁରସ୍କୃତ ହୋଇଥିଲେ। ଉଲ୍ଲେଖନୀୟ ଯେ, ଗତ ଅଗଷ୍ଟ ୧୨ ତାରିଖରେ ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରାଣାଳୟ ପକ୍ଷରୁ ୨୦୧୬-୧୭ ମସିହା ଲାଗି ସୁବ୍ରତଙ୍କୁ ସର୍ବଭାରତୀୟ ସ୍ତରରେ ରାଷ୍ଟ୍ରୀୟ ଯୁବ ପ୍ରତିଭା ସମ୍ମାନ ପ୍ରଦାନ କରାଯାଇଥିଲା। ସେ ଏହି ସମ୍ମାନ ଲାଭ କରି ମୟୂରଭଞ୍ଜ ଜିଲା ସମେତ ସାରା ରାଜ୍ୟର ଗୌରବ ବୃଦ୍ଧି କରିଥିଲେ। ଏଥିସହିତ କୋଣାର୍କଠାରେ ସେହି ମାସ ଅନୁଷ୍ଠିତ ନେହେରୁ ଯୁବ କେନ୍ଦ୍ର ଓଡ଼ିଶା ଶାଖା ପକ୍ଷରୁ ରାଜ୍ୟସ୍ତରୀୟ ଯୁବ ନେତୃତ୍ୱ ଓ ପ୍ରଶିକ୍ଷଣ ଶିବିରରେ ମଧ୍ୟ ତାଙ୍କୁ ସମ୍ମାନିତ କରାଯାଇଥିଲା। ବର୍ତ୍ତମାନର ଯୁବପିଢି ସମାଜସେବା ଭଳି କାର୍ଯ୍ୟ ପ୍ରତି ବ୍ରତୀ ହେଲେ ସମାଜଜୀବନ ଅଧିକ ସରସସୁନ୍ଦର ହୋଇ ପାରିବ ବୋଲି ସୁବ୍ରତ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।

## ଘଞ୍ଚ ଜଙ୍ଗଲରୁ ମହିଳାଙ୍କ କ୍ଷତବିକ୍ଷତ ମୃତଦେହ ଉଦ୍ଧାର

**ରାଇରଙ୍ଗପୁର, ୧୨।୧୦(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ଗୋରୁମହିଷାଣି ଥାନା ଅନ୍ତର୍ଗତ ସରଗଡା ନିକଟବର୍ତ୍ତୀ ସାପଘେରା ଗ୍ରାମ ନିକଟ ସଂରକ୍ଷିତ ଘଞ୍ଚ ଜଙ୍ଗଲ ମଧ୍ୟରୁ ଜଣେ ମହିଳାଙ୍କ କ୍ଷତବିକ୍ଷତ ଗଳିତ ମୃତଦେହକୁ ପୋଲିସ ଶନିବାର ଉଦ୍ଧାର କରିଛି। ରାଇରଙ୍ଗପୁର ପୋଲିସ ସର୍କଲ ଏସଡିପିଓ ଅମୂଲ୍ୟ କୁମାର ଧର ଏବଂ ଗୋରୁମହିଷାଣି ଥାନା ଅଧିକାରୀ ଫନୀଭୂଷଣ ନାୟକ ଘଟଣାସ୍ଥଳକୁ ଯାଇ ସାଇଣ୍ଟିଫିକ ଟିମ୍ ଓ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ ଚଳାଇଛନ୍ତି। ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ରାଇରଙ୍ଗପୁର ସହକାରୀ ଜିଲାପାଳ ଧର୍ମେନ୍ଦ୍ର ଶତପଥୀଙ୍କ ଉପସ୍ଥିତିରେ ମୃତଦେହ ଉଦ୍ଧାର କରାଯାଇ ସ୍ଥାନୀୟ ହସ୍‌ପିଟାଲକୁ ବ୍ୟବଚ୍ଛେଦ ଲାଗି ଅଣାଯାଇଛି। ଜଙ୍ଗଲରେ ଏହି ମହିଳାଙ୍କ ମୃତ୍ୟୁ କିପରି ଘଟିଲା, ତାହା ରହସ୍ୟ ଘେରରେ ରହିଛି। ମୃତଦେହ ପଡିଥିବା ସ୍ଥାନଠାରୁ ଅଳ୍ପ ଦୂରରେ ହାତୀର ପାଦ ଚିହ୍ନ ଓ ମଳ ପଡିଥିବା ଦେଖିବାକୁ ମିଳିଛି। ଏ ସମ୍ପର୍କରେ ସରଗଡା ବିଟ୍‌ର ଫରେଷ୍ଟର କାଶୀନାଥ ହାଁସଦାଙ୍କ ଅଭିଯୋଗ କ୍ରମେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୧୨/୧୯) ରୁଜୁ କରିଛି। ମୃତା ମହିଳାଙ୍କ ବୟସ ୨୫ରୁ ୩୦ ବର୍ଷ ମଧ୍ୟରେ ହେବ। ସେ ପିନ୍ଧିଥିବା ଡ୍ରେସରେ ତାଙ୍କ ମୁହଁକୁ ଘୋଡ଼ାଇ ଦିଆଯାଇଥିବାରୁ ଏହା ନାନା ସନ୍ଦେହ ସୃଷ୍ଟି କରିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଘଟଣା ସ୍ପଷ୍ଟ ହେବ ବୋଲି ପୋଲିସ କହିଛି। ଖବର ଲେଖାହେବା ଯାଏ ମୃତଦେହକୁ ପୋଲିସ ଚିହ୍ନଟ କରି ପାରି ନ ଥିବା ଜଣାପଡ଼ିଛି।

## ନେତାଜୀ ୟୁଥ୍ କ୍ଲବ ଫୁଟବଲ ଟୁର୍ନାମେଣ୍ଟ

# ଖୁଣ୍ଟା ଟାଉନ କ୍ଲବ ଚାମ୍ପିୟନ

**କୁଆମରା, ୧୨।୧୦(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗର ବ୍ଲକ ଅନ୍ତର୍ଗତ ଜୟପୁର ପଞ୍ଚାୟତ ଡମ୍ବରୁଡିହି ନେତାଜୀ ୟୁଥ କ୍ଲବ ଆନୁକୂଲ୍ୟରେ ୨୪ତମ ୨ ଦିନିଆ ଫୁଟବଲ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ବାଲେଶ୍ୱର, ମୟୂରଭଞ୍ଜ ଓ ଭୁବନେଶ୍ୱରରୁ ଆସିଥିବା ମୋଟ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ଖେଳରେ ଖୁଣ୍ଟା ଟାଉନ କ୍ଲବ ବାଲେଶ୍ୱର ଜିଲାର ଧୁବଶିଳା ଟିମ୍‌କୁ ହରାଇ ଚାମ୍ପିୟନ ହୋଇଥିଲା। ପରେ ପୁରସ୍କାର ବିତରଣ ସଭାରେ ଚାମ୍ପିୟନ ଦଳକୁ ୨୦ହଜାର ଓ ରନର୍ସ ଅପ୍ ଦଳକୁ ୧୫ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ସେମିଫାଇନାଲ ଖେଳିଥିବା ଅନ୍ୟ ଦୁଇ ଦଳକୁ ୨ହଜାର ୫ଶହ ଟଙ୍କା ସାନ୍ତ୍ୱନା ମୂଳକ ପୁରସ୍କାର ପ୍ରଦାନ କରାଯାଇଥିଲା। ଉତ୍ସବରେ ଅତିଥି ଭାବେ ସରପଞ୍ଚ ଭାସ୍କର ଚନ୍ଦ୍ର ସିଂ, ଦିବାକର ନାୟକ, ସମିତି ସଭ୍ୟା ପୁଷ୍ପଶ୍ରେରୀ ସିଂ, ୱାର୍ଡ ସଭ୍ୟା ହରପ୍ରିୟା ସିଂ, ପ୍ରଭାକର ମହାପାତ୍ର, ଖେପା ସିଂ ପ୍ରମୁଖ ଯୋଗ ଦେଇଥିଲେ। କ୍ଲବର ସଭାପତି ଲକ୍ଷ୍ମୀ ନାରାୟଣ ଦାସ, ସମ୍ପାଦକ ଜିତେନ କୁମାର ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ହରିମୋହନ ସିଂ, ମହାଦେବ ସିଂ ଓ ଶତ୍ରୁଘ୍ନ ସିଂ ରେଫରି ଭାବେ ଖେଳ ପରିଚାଳନା କରିଥିଲେ।



ଟୁର୍ନାମେଣ୍ଟରେ ଭାଗ ନେଇଥିବା ଖେଳାଳି।

## ସଂକ୍ଷେପରେ

### ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ ଅଭିଯୋଗ

**ଧାମନଗର, ୧୨।୧୦ (ଡି.ଏନ.ଏ.):** ଭଦ୍ରକ ଜିଲା ଧାମନଗର ବ୍ଲକ ଭଗବାନପୁର ଅଞ୍ଚଳର ଜଣେ ୯ ବର୍ଷର ବାଳିକାଙ୍କୁ ଜଣେ ଯୁବକ ବଳାତ୍କାର ଉଦ୍ୟମ କରିଥିବା ନେଇ ଧାମନଗର ଥାନାରେ ଅଭିଯୋଗ ହୋଇଛି। ଏ ସମ୍ପର୍କରେ ନାବାଳିକାଙ୍କ ବାପାଙ୍କ ଅଭିଯୋଗ କ୍ରମେ ଥାନାରେ ଏକ ମାମଲା(ନଂ.୨୧୬/୧୯) ରୁଜୁ ହୋଇ ନାବାଳିକାଙ୍କୁ ଡାକ୍ତରୀମାଇନା କରାଯାଇଛି। ଅଭିଯୁକ୍ତ ଯୁବକ ଫେରାର ଥିବା ଏବଂ ଘଟଣାର ତଦନ୍ତ ଚାଲିଥିବା ଆଇଆଇସି ମାନସ ଦେ ସୂଚନା ଦେଇଛନ୍ତି।

ନାବାଳିକାଙ୍କ ବାପା ଥାନାରେ ଅଭିଯୋଗ କରିଛନ୍ତି ଯେ, ଶନିବାର ପୂର୍ବାହ୍ନରେ ତାଙ୍କ ଝିଅ ଟିଉସନରୁ ଫେରୁଥିଲେ। ସେହି ଅଞ୍ଚଳର ଜଣେ ୧୮ ବର୍ଷର ଯୁବକ ତାଙ୍କୁ ଏକୁଟିଆ ଦେଖି ରାସ୍ତାକଡ଼ ଜଙ୍ଗଲ ମଧ୍ୟକୁ ଟେକି ନେଇ ବଳାତ୍କାର ଉଦ୍ୟମ କରିଥିଲେ। ଝିଅର ଚିତ୍କାର ଶୁଣି ସ୍ଥାନୀୟ ଲୋକେ ପହଞ୍ଚି ଯିବାରୁ ଯୁବକ ସେଠାରୁ ଦୌଡ଼ି ପଳାଇଯାଇଥିଲେ।

### ଦିବ୍ୟାଙ୍ଗ ସାବିତ୍ରୀଙ୍କୁ ଟ୍ରାଇସାଇକେଲ

**ବନ୍ତ, ୧୨।୧୦ (ଡି.ଏନ.ଏ.):** ଭଦ୍ରକ ଜିଲା ବନ୍ତ ବ୍ଲକ କେନ୍ଦୁଆପଦା ପଞ୍ଚାୟତ ଅଧୀନ ସରିପଲ ଗ୍ରାମର ଦିବ୍ୟାଙ୍ଗ ମହିଳା ସାବିତ୍ରୀ ନାୟକଙ୍କୁ ପ୍ରଶାସନ ପକ୍ଷରୁ ଟ୍ରାଇସାଇକେଲ ପ୍ରଦାନ କରାଯାଇଛି। ବିଡିଓ ରେବେକା ବିଲୁଙ୍ଗ, ବ୍ଲକ ସାମାଜିକ ସୁରକ୍ଷା ବିଭାଗ ଦାୟିତ୍ୱରେ ଥିବା ଅଧିକାରୀ ନିଶାକର ଖୁଣ୍ଟିଆ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଗଣେଶ ପ୍ରସାଦ ନାୟକ ଓ ପିଏ ଲକିପ୍ରଭା ଜେନା ଉପସ୍ଥିତ ଥିଲେ।

### ଚୋରାମଦ ବେପାରୀ ଗିରଫ

**ପଦ୍ମପୁର, ୧୨।୧୦ (ଡି.ଏନ.ଏ.):** ବାସୁଦେବପୁର ବ୍ଲକ ଅଧୀନ ନାୟକାଣିଡିହୀ ଥାନା ପୋଲିସ ଜଣେ ଚୋରାମଦ ବେପାରୀଙ୍କୁ ଗିରଫ କରିଛି। ସେ ହେଲେ ନନ୍ଦପାଟଣା ଗ୍ରାମର ଟିଙ୍କି ମଣ୍ଡଳ। ପୋଲିସ ତାଙ୍କଠାରୁ ୨୧ ବୋତଲ ବିଦେଶୀ ମଦ ଜବତ କରିଛି। ସେ ଚୋରାରେ ମଦ ବିକ୍ରି କରୁଥିବା ଖବର ପାଇ ପୋଲିସ ଚଢ଼ାଉ କରିଥିଲା। ଏ ନେଇ ଥାନାରେ ମାମଲା (ନଂ.୧୫୪/୧୯) ରୁଜୁ କରାଯାଇ ତାଙ୍କୁ କୋର୍ଟଚାଲାଣ କରାଯାଇଛି।

### ବଢ଼େଇପଦାରେ ରାବଣପୋଡ଼ି

**ବାସୁଦେବପୁର, ୧୨।୧୦(ଡି.ଏନ.ଏ.):** ବାସୁଦେବପୁରର ଇରମ ପଞ୍ଚାୟତ ବଢ଼େଇପଦାଠାରେ ଶୁକ୍ରବାର ରାତିରେ ରାବଣପୋଡ଼ି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବଢ଼େଇପଦା ପଡ଼ିଆକୁ ଆଲୋକମାଳାରେ ସଜ୍ଜିତ କରାଯିବା ସହ ବାଣ ରୋଶଣି କରାଯାଇଥିଲା। ମୁଖ୍ୟଅତିଥି ଭାବେ ବ୍ଲକ ଅଧକ୍ଷା ପୂର୍ଣ୍ଣିମା ମଲିକ ଯୋଗଦେଇ ରାବଣ ଦେହରେ ଅଗ୍ନିସଂଯୋଗ କରିଥିଲେ। ଅନ୍ୟ ଅତିଥିମାନଙ୍କ ମଧରେ ନୂଆଗାଁ ସରପଞ୍ଚ ରଘୁନାଥ ମଲିକ, ଅଡୁଁଆ ସରପଞ୍ଚ ଗିରିଶ ଚନ୍ଦ୍ର ସାମଲ, ସୁଦର୍ଶନପୁର ସରପଞ୍ଚ ପ୍ରତିନିଧି ଭୁବନାନନ୍ଦ ମଲିକ, ଶାଶୁଭୁଆଶୁଣୀ ସରପଞ୍ଚ ପ୍ରତିନିଧି ଶରତ ମଲିକ, ଚୂଡ଼ାମଣି ସମିତିସଭ୍ୟ ପ୍ରତିନିଧି ଭାଗୀରଥି ସାମଲ ଓ ଆର୍ଡୁଂ ସରପଞ୍ଚ ପ୍ରତିନିଧି ଗୌତମ ସେଠୀ ପ୍ରମୁଖ ମଞ୍ଚାସୀନ ଥିଲେ। ଇରମ ସରପଞ୍ଚ ପ୍ରଫୁଲ୍ଲ କୁମାର ବିଶ୍ୱାଳ ମଞ୍ଚ ପରିଚାଳନା କରିଥିଲେ। ଏହି ରାବଣପୋଡ଼ି ଦେଖିବାକୁ ବହୁ ଲୋକଙ୍କ ସମାଗମ ହୋଇଥିଲା।

# ଅବାଧରେ ଚାଲିଛି ବେଆଇନ କାଠମିଲ୍, ଡିପୋ

**ଭଦ୍ରକ ଅଫିସ, ୧୨।୧୦**

ଭଦ୍ରକ ଜିଲାରେ ଚୋରା କାଠ ବେପାରୀଙ୍କ ପ୍ରାଦୁର୍ଭାବ ଦିନକୁ ଦିନ ବଢ଼ିବାରେ ଲାଗିଛି। ଜିଲାର ବିଭିନ୍ନ ଅଞ୍ଚଳରେ ବେଆଇନ କାଠ ମିଲ୍ ଓ ଡିପୋ ଅବାଧରେ ଚାଲିଥିବା ବେଳେ ବନ ବିଭାଗ ବେପାରୀଙ୍କୁ କାବୁ କରିପାରୁ ନ ଥିବା ଅଭିଯୋଗ ହେଉଛି। ବନ ବିଭାଗର କେତେକ ଅସାଧୁ ଅଧିକାରୀଙ୍କ ସହ କାଠ ବେପାରୀଙ୍କ ମଧୁଚନ୍ଦ୍ରିକା ଯୋଗୁ ଗଛ ସଂଖ୍ୟା କମିବାରେ ଲାଗିଛି। କାଠ ମିଲ୍ ଓ ଡିପୋଗୁଡ଼ିକ ଦୃଷ୍ଟି ଆଢୁଆଳରେ ରହିଛି। ଭଦ୍ରକ ସହରରେ ବେଆଇନ କାଠ ମିଲ୍ ଦିନରାତି କାର୍ଯ୍ୟ କରୁଛି। ସହରର ଠାଏ ଠାଏ ବେଆଇନ କାଠ ଡିପୋ ସତେ ଯେପରି କୁଟୀରଶିଳ୍ପ ପାଲଟିଛି ବୋଲି କୁହାଯାଉଛି। ହେଲେ ଏ ସମ୍ପର୍କରେ ବନ ବିଭାଗ ପାଖରେ କୌଣସି ଖବର ନ ଥିବା ନେଇ ସ୍ଥାନୀୟ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

କରତ କଳ ଉପରେ ସରକାରୀ ସ୍ତରରେ କଟକଣା ରହିଥିଲେ ମଧ୍ୟ ଜିଲା ପ୍ରଶାସନ ଓ ପୋଲିସ ମୁଖ୍ୟାଳୟ ଆଗ ଦେଇ ଦୈନିକ ବେଆଇନ ଭାବେ କାଠ ଚାଲାଣ ସାଙ୍ଗକୁ କାଠ କଟାଯାଇ ଜିଲା ବାହାରକୁ ପଠାଯାଉଛି। ବନ ବିଭାଗର ଛତ୍ରଛାୟା ତଳେ ରହିଛନ୍ତି କାଠ ବେପାରୀ ଓ ବେଆଇନ କାଠ ଡିପୋ। ସହରରେ ଶତାଧିକ କାଠ ଡିପୋ ଓ ୧୦ରୁ ଊର୍ଦ୍ଧ୍ୱ କରତକଳ ଚାଲୁଥିବା ବେଳେ ପୋଲିସ କିମ୍ବା ବନ ବିଭାଗ ଚଢ଼ାଉ ନ କରିବା ବେପାରୀଙ୍କ ସହ ସଲାସୁତରାକୁ ପଦାରେ ପକାଉଥିବା ଚର୍ଚ୍ଚା ହେଉଛି। କାଠ ଡିପୋଗୁଡ଼ିକ ଦୈନିକ ଲକ୍ଷାଧିକ ଟଙ୍କାର ବ୍ୟବସାୟ କରିଆସୁଥିବା, ବେଆଇନ କାଠ ମିଲ୍‌ଗୁଡ଼ିକ କାହା ଇଙ୍ଗିତରେ କାର୍ଯ୍ୟ କରୁଛି ସେ ନେଇ ତଦନ୍ତ କରାଯାଉ ବୋଲି ଦାବି ହେଉଛି। ଉଲ୍ଲେଖନୀୟ ଯେ, ଯେଉଁ ମିଲ୍‌ରେ ଥରେ ଚଢ଼ାଉ ହେଉଛି ତାହାର ୬ ମାସ ପରେ ପୁଣି ପୂର୍ବଭଳି ଚାଲୁଛି। ସେହିପରି ଦୈନିକ ଜିଲା ବାହାରୁ ୨୦ରୁ ଊର୍ଦ୍ଧ୍ୱ ଟ୍ରିପ୍ କାଠ ସହରରେ ଥିବା ବିଭିନ୍ନ ମିଲ୍‌କୁ ବେଆଇନ ଭାବେ ଆସୁଛି ଓ ସାଇଜ କାଠ କଟାଯାଇ ନିଆଯାଉଛି। ଏ ସମ୍ପର୍କରେ ଭଦ୍ରକ ବନାଞ୍ଚଳ ଅଧିକାରୀ ରଞ୍ଜିତ ମହାନ୍ତିଙ୍କୁ ପଚାରିବାରୁ ପ୍ରଶାସନ, ପୋଲିସ ଓ ବନ ବିଭାଗର ସମନ୍ୱୟ ରହିଲେ ଚୋରା କରତକଳ ଓ କାଠ ଡିପୋଗୁଡ଼ିକୁ ସିଲ୍ କରାଯାଇପାରିବ ବୋଲି କହିଛନ୍ତି।

## ଲକ୍ଷାଧିକ ଟଙ୍କାର କାଠ ଜବତ



**ଭଦ୍ରକ ଅଫିସ, ୧୨।୧୦**

ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ଇଚ୍ଛାପୁରସ୍ଥିତ ଏକ ବେଆଇନ ଗୋଦାମରେ ଶନିବାର ବନ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଥିଲା। ଚଢ଼ାଉ ବେଳେ ଗଚ୍ଛିତ ଥିବା ଲକ୍ଷାଧିକ ଟଙ୍କାର କାଠ ପଟା ଓ ସାଇଜ କାଠ ଜବତ ହୋଇଛି। ଉକ୍ତ କାଠ ବିକ୍ରି ପାଇଁ ରଖାଯାଇଥିବା ତଦନ୍ତରୁ ଜଣାପଡ଼ିଥିଲା। ଗ୍ରାମାଞ୍ଚଳ ଥାନା ପୋଲିସ ସହାୟତାରେ ସେଠାରୁ ପ୍ରାୟ ୨୫୦ ସିଏଫ୍‌ଟି କାଠ ଜବତ କରାଯାଇ ସାତଭଉଣୀ ରେଞ୍ଜ କାର୍ଯ୍ୟାଳୟକୁ ଅଣାଯାଇଥିବା ସୂଚନା ଦିଆଯାଇଛି। ଭଦ୍ରକ ବନାଞ୍ଚଳ ଅଧିକାରୀ ରଞ୍ଜିତ ମହାନ୍ତିଙ୍କଠାରୁ ମିଳିଥିବା ସୂଚନା ଅନୁସାରେ, ଇଚ୍ଛାପୁରର ଜଣେ ବ୍ୟକ୍ତିଙ୍କ ଦୁଇଟି ଦୋକାନ ଘର କୁଣ୍ଡା ବ୍ୟବସାୟ କରିବା ପାଇଁ କହି ଭଡ଼ାରେ ନେଇ ପୁରୁଣାବଜାର ଅଞ୍ଚଳର ଜଣେ ବ୍ୟକ୍ତି କାଠ ବ୍ୟବସାୟ କରିଆସୁଥିଲେ। ଏ ସମ୍ପର୍କରେ ଜାଣିବା ପରେ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଥିଲା।

# ରାସ୍ତାକାମକୁ କେନ୍ଦ୍ରକରି ମାର୍‌ପିଟ୍

**ବନ୍ତ, ୧୨।୧୦ (ଡି.ଏନ.ଏ.)**

## ୨୫ ଜଣଙ୍କ ନାଁରେ ଥାନାରେ ମାମଲା

ଭଦ୍ରକ ଜିଲା ବନ୍ତ ବ୍ଲକ ଅନ୍ତର୍ଗତ ରାମଚନ୍ଦ୍ରପୁର ପଞ୍ଚାୟତ ପାନପଦୀ ଗ୍ରାମରେ ଶନିବାର ରାସ୍ତାକାମକୁ ନେଇ ଦୁଇଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଘଟିଛି। ମାର୍‌ପିଟ୍‌ରେ ଜଣେ ଆହତ ହୋଇ ସ୍ଥାନୀୟ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ଏ ନେଇ ଉଭୟ ପକ୍ଷରୁ ଅଭିଯୋଗ କ୍ରମେ ବନ୍ତ ଥାନାରେ ୨୫ ଜଣଙ୍କ ନାମରେ ୩ଟି ମାମଲା ରୁଜୁ ହୋଇଛି।

ଅଭିଯୋଗ ଅନୁଯାୟୀ, ଉକ୍ତ ପଞ୍ଚାୟତରେ ବିଭିନ୍ନ ଉନ୍ନୟନ କାର୍ଯ୍ୟରେ ଅନିୟମିତତା ହେଉଥିବା ଅଭିଯୋଗ କରି ଗତ ବୁଧବାରଠାରୁ ବ୍ଲକ ଅଫିସ୍ ସମ୍ମୁଖରେ ଅନଶନ ଚାଲିଥିଲା। ଶୁକ୍ରବାର ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ପହଞ୍ଚି ଅନଶନକାରୀଙ୍କ ସହ ଆଲୋଚନା କରିଥିଲେ। ତଦନ୍ତ ପରେ ୭ ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ନେବେ ବୋଲି ପ୍ରତିଶ୍ରୁତି ଦେବା ସହ ଉକ୍ତ ପଞ୍ଚାୟତର ସମସ୍ତ କାର୍ଯ୍ୟ ବନ୍ଦ କରିବାକୁ କହିଥିଲେ। ଏପରି ସ୍ଥଳେ ଶନିବାର ସକାଳେ ଆର୍‌ଡି ରାସ୍ତାଠାରୁ ପାନପଦୀ ଗ୍ରାମକୁ ଯାଉଥିବା ରାସ୍ତାର କଂକ୍ରିଟ କାମ ହେଉଥିଲା। ସେହି ଗ୍ରାମର ରବୀନ୍ଦ୍ର ନାୟକ, ବୃନ୍ଦାବତୀ ସାହୁ ଓ ଶେଷଦେବ ସାହୁ ଉକ୍ତ ଅଧିକାରୀମାନେ ବନ୍ଦ କରିଥିବା କାମକୁ କାହିଁକି କରୁଛ ବୋଲି ପଚାରିବାରୁ କାର୍ଯ୍ୟ କରୁଥିବା ଲୋକେ ସେମାନଙ୍କୁ ଗାଳିଗୁଲଜ କରିଥିଲେ। ଏହାକୁ ନେଇ ଉଭୟପକ୍ଷ ମଧ୍ୟରେ ମାର୍‌ପିଟ୍ ହୋଇଥିଲା। ଏଥିରେ ରବୀନ୍ଦ୍ର ଆହତ ହୋଇଛନ୍ତି। ଗୋଟିଏ ପକ୍ଷରୁ ବୃନ୍ଦାବତୀ ସାହୁଙ୍କ ଅଭିଯୋଗ କ୍ରମେ ଥାନାରେ ୮ ଜଣଙ୍କ ନାମରେ ମାମଲା (ନଂ. ୧୨୧/୧୯) ରୁଜୁ ହୋଇଛି। ଅପରପକ୍ଷେ ଆନନ୍ଦ ଚନ୍ଦ୍ର ପତିଙ୍କ ଅଭିଯୋଗ କ୍ରମେ ୧୬ ଜଣଙ୍କ ନାମରେ ମାମଲା(ନଂ.୧୨୨/୧୯) ଏବଂ ନରହରି ଶଙ୍ଖୁଆଙ୍କ ଅଭିଯୋଗ କ୍ରମେ ଜଣଙ୍କ ନାଁରେ ମାମଲା (ନଂ.୧୨୩/୧୯) ରୁଜୁ ହୋଇଛି।

## ଏଇ ସପ୍ତାହର କାର୍ଯ୍ୟକ୍ରମ

### ଭଦ୍ରକ

**୧୪।୧୦।୧୯(ସୋମବାର)**
- ମିଳିତ ଜନଅଭିଯୋଗ ଶୁଣାଣି, ସ୍ଥାନ: ବନ୍ତ ବ୍ଲକ ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା।

**୧୫।୧୦।୧୯(ମଙ୍ଗଳବାର)**
- ରାଜସ୍ୱ ମକଦ୍ଦମା ଫଇସଲାର ସମୀକ୍ଷା, ସ୍ଥାନ: ଧାମରା ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ, ସମୟ- ସକାଳ ୯ଟା।

**୧୯।୧୦।୧୯(ଶନିବାର)**
- ପର୍ଯ୍ୟଟନ ପର୍ବ, ସ୍ଥାନ: ଜିଲା ସଂସ୍କୃତି ଭବନ, ସମୟ: ସକାଳ ୯ଟା।

# କୁମାରପୂର୍ଣ୍ଣିମା ଲାଗି ଗାଁ ଉତ୍ସବମୁଖର



ତୁଳସୀ ଚଉଁରା ମୂଳେ କୁମାରୀମାନେ।

**ବନ୍ତ, ୧୨।୧୦ (ସ୍ୱ.ପ୍ର.)**

କୁମାରପୂର୍ଣ୍ଣିମା ପାଇଁ ବନ୍ତ ବ୍ଲକର ବିଭିନ୍ନ ଗାଁ ଉତ୍ସବମୁଖର ହୋଇଉଠିଛି। ଶନିବାର ଥିଲା ବଡ଼ଘର। ରବିବାର କୁମାରପୂର୍ଣ୍ଣିମା ଓଷା। ବ୍ଲକର ବିଭିନ୍ନ ଗ୍ରାମରେ ଗାଁ ପୋଖରୀ କଇଁଫୁଲ ଓ ରଙ୍ଗିନ କାଗଜ ଫୁଲରେ ସଜାଯାଇଛି ତୁଳସୀ ଚଉଁରା। ସହରରେ ଏହି ଓଷାର ଚାହିଦା କମିଯାଇଥିଲେ ବି ଗାଁରେ ଓଷା ପାଇଁ ଚଳଚଞ୍ଚଳ ପରିବେଶ। ଝିଅମାନଙ୍କର ସବୁଠୁ ବଡ଼ପର୍ବ କୁମାରପୂର୍ଣ୍ଣିମାର କୁମାର ଓଷା। ବର୍ଷରେ ଥରେ ଏହି ଓଷାକୁ ଚାତକ ପରି ଚାହିଁ ରହିଥାନ୍ତି କୁମାରୀମାନେ। କୁମାରପୂର୍ଣ୍ଣିମା ଲାଗି ଗାଁର ପରିବେଶ ସ୍ୱତନ୍ତ୍ର ବାରି ହୋଇପଡୁଛି। କୁମାରୀମାନେ ଏକାଠି ହୋଇ ତୁଳସୀ ଚଉଁରା ମୂଳେ ଓଷା ଆରମ୍ଭ କରିଛନ୍ତି। ନିଜର ମନସ୍କାମନା ପୂରଣ ପାଇଁ ଏହି ଓଷାରେ ସେମାନେ ବୃନ୍ଦାବତୀ ଓ ଜହ୍ନମାମୁଙ୍କୁ ପୂଜା କରିଥାନ୍ତି। ଗାଁ ଗାଁ ମଧ୍ୟରେ ଓଷାକୁ ନେଇ ଚାଲିଛି ପ୍ରତିଯୋଗିତା। ସପ୍ତାହେ ପୂର୍ବରୁ କୁମାରୀମାନେ ସନ୍ଧ୍ୟାରେ ଚଉଁରା ମୂଳେ ବସି ଫୁଲ ବଉଳବେଣୀ ଗୀତ ଗାଇଥାନ୍ତି। ବଡ଼ଘର ସନ୍ଧ୍ୟାରେ ଚଉଁରା ମୂଳରେ କଇଁଫୁଲରେ ଶ୍ରୀଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ଚିତ୍ର ଆଙ୍କି ଥିବାବେଳେ ରଙ୍ଗିନ କାଗଜ ଫୁଲ, ରଙ୍ଗବେରଙ୍ଗ ଆଲୋକମାଳାରେ ଚଉଁରା ଓ ଆଖପାଖକୁ ସଜାଇଛନ୍ତି। ଶନିବାର ବଡ଼ଘର ଅବସରରେ କୁମାରୀମାନେ ନୂଆ ବସ୍ତ୍ର ପରିଧାନ କରି ଦୀପ ଜାଳି ଅର୍ଘ୍ୟଥାଳିରେ ମା’ ବୃନ୍ଦାବତୀ ଓ ଜହ୍ନମାମୁଙ୍କୁ ବନ୍ଦାପନା କରିବା ପରେ ଫୁଲ ବଉଳବେଣୀ ଗୀତ ଗାଇଥିଲେ। ରବିବାର ପୂର୍ଣ୍ଣିମା ଦିନ ଖଇ ସହିତ ବିଭିନ୍ନ ପ୍ରକାର ଫଳ ଭୋଗ କରି ରାତି ଉଜାଗର ରହି କୁମାରପୂର୍ଣ୍ଣିମା ଗୀତ ଗାଇ ପୂଜା କରିବେ ବୋଲି କୁମାରୀମାନେ କହିଥିଲେ।

## ଜବରଦଖଲ ଉଚ୍ଛେଦ ନ ହେଲେ ଗଣଧାରଣା

**ବନ୍ତ,୧୨।୧୦(ସ୍ୱ.ପ୍ର.)**

ଭଦ୍ରକ ଜିଲା ବନ୍ତ ବ୍ଲକ ବିଟିପୁର ପଞ୍ଚାୟତ ନୂଆପାଖରୀ ଗ୍ରାମରେ ଥିବା ଗୋଚର, ଶ୍ମଶାନ ଜମି ଜବରଦଖଲ ଉଚ୍ଛେଦ କରା ନ ଗଲେ ଆଗାମୀ ଦିନରେ ଗଣଧାରଣା ଦିଆଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଗୋଚର ଜମି ଜବରଦଖଲରେ ଥିବାରୁ ଗୋରୁଙ୍କ ଚାରଣ ଭୂମି ସଙ୍କୁଚିତ ହୋଇଯାଇଛି। ଏହି ସମସ୍ୟା ନେଇ ଗ୍ରାମର ଅକ୍ଷୟ କୁମାର ରାଉତ, ବସନ୍ତ ଜେନା, ବିକ୍ରମ ନାୟକ, କୈଳାସ ଚନ୍ଦ୍ର ଭୂୟାଁ, ଗଦାଧର ନାୟକ, ସାଗର ରାଉତ, ପ୍ରସନ୍ନ କୁମାର ନାୟକ, ଭାଗବତ ନାୟକ, ରବୀନ୍ଦ୍ର ରାଉତ, ସନ୍ତୋଷ କୁମାର ନାୟକ ଓ ରମେଶ ଜେନା ପ୍ରମୁଖ ବନ୍ତ ତହସିଲଦାରଙ୍କ ନିକଟରେ ୨୦୧୮ ଫେବୃୟାରୀରେ ଲିଖିତ ଅଭିଯୋଗ କରିଥିଲେ। ତହସିଲଦାର ଆଗରପଡ଼ା ଆର୍‌ଆଇଙ୍କୁ ତଦନ୍ତ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଦେଢ଼ବର୍ଷ ବିତିଯାଇଥିଲେ ମଧ୍ୟ କୌଣସି ସମାଧାନ ନ ହେବାରୁ ଶନିବାର ଗ୍ରାମରେ ବୈଠକ କରାଯାଇଛି। ଆଗାମୀ ଦିନରେ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଇ ତହସିଲ ଅଫିସ୍ ସମ୍ମୁଖରେ ଗଣଧାରଣା ଦିଆଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି।

## ଫେରାର ଗୋ-ଚାଲାଣକାରୀ ଗିରଫ

**ପଦ୍ମପୁର, ୧୨।୧୦ (ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ନାୟକାଣିଡିହୀ ଥାନା ପୋଲିସ ଫେରାର ଥିବା ଜଣେ ଗୋ-ଚାଲାଣକାରୀଙ୍କୁ ଶନିବାର ଗିରଫ କରିଛି। ସେ ହେଲେ ବାସୁଦେବପୁର ଥାନା ଅଧୀନ ରତାଙ୍ଗର ରତିକାନ୍ତ ନାୟକ। ପୋଲିସ ସୂଚନା ଅନୁଯାୟୀ, ଗତ ୨୨ ତାରିଖରେ ଏକ ପିକ୍‌ଅପ୍ ଗାଡ଼ିରେ ୮ ଗୋରୁଙ୍କୁ ନିଆଯାଉଥିବା ବେଳେ ଜୟକୃଷ୍ଣପୁର-ଲକ୍ଷ୍ମୀଦାସପୁର ରାସ୍ତାରେ କେତେଜଣ ଯୁବକ ଅଟକାଇଥିଲେ। ଗାଡ଼ି ଡ୍ରାଇଭର, ବେପାରୀ ଓ ତାଙ୍କ ସହଯୋଗୀ ଗାଡ଼ି ଛାଡ଼ି ଦେବାକୁ ଦାବି କରି ଯୁବକମାନଙ୍କୁ ମିଳିତ ଭାବେ ଆକ୍ରମଣ କରିଥିଲେ। ଆକ୍ରମଣର ଶିକାର ହୋଇଥିବା ଯୁବକମାନଙ୍କ ମଧ୍ୟରୁ ଜିଣାଦଣ୍ଡା ଗ୍ରାମର ନିର୍ମଳ ବଳ ଏ ନେଇ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ପିଣ୍ଟୁ ମହାପାତ୍ର, ରତିକାନ୍ତ ନାୟକ, ରମାକାନ୍ତ ସେଠୀ ଓ ଜିତେନ୍ଦ୍ର ରାଉତଙ୍କ ନାମରେ ଏକ ମାମଲା (ନଂ.୧୫୧/୧୯) ରୁଜୁ କରିଥିବାବେଳେ ସମସ୍ତ ଅଭିଯୁକ୍ତ ଫେରାର ଥିଲେ। ଶନିବାର ଥାନା ଏସ୍‌ଆଇ ନିରୋଦ କୁମାର ମଲ୍ଲିକ କୌଣସି ସୂତ୍ରରୁ ଖବର ପାଇ ଅଭିଯୁକ୍ତ ରତିକାନ୍ତଙ୍କୁ ବାସୁଦେବପୁରରୁ ଗିରଫ କରି କୋର୍ଟଚାଲାଣ କରିଛି।

## ସମୀକ୍ଷା ବୈଠକ

**ଭଣ୍ଡାରିପୋଖରୀ, ୧୨।୧୦ (ଡି.ଏନ.ଏ.)**

ଭଣ୍ଡାରିପୋଖରୀ ବ୍ଲକ ଆଖୁଆପଦା ଉନ୍ନୀତ ମଧ୍ୟଇଂରାଜୀ ବିଦ୍ୟାଳୟଠାରେ ନାବାର୍ଡ ଇ ଶକ୍ତି ପକ୍ଷରୁ ଶନିବାର ଆନିମେଟର୍ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ନେତାଜୀ ଯୁବକ ସଂଘର ସମ୍ପାଦକ ବିଶ୍ୱମ୍ଭର ସାହୁ ଉପସ୍ଥିତ ରହି ଆର୍ଥିକ ନେଣଦେଣ ସମ୍ପର୍କରେ ମତ ଉପସ୍ଥାପନ କରିଥିଲେ। ବ୍ଲକର ଷୋଳମପୁର, ରହଣିଆ, ମାଳଦା, ରଣଜିତ, ନପଙ୍ଗ, ବାଲିପୋଖରୀ, ସରସଦା ଆଦି ପଞ୍ଚାୟତରେ ଗଠନ ହୋଇଥିବା ସ୍ୱୟଂସହାୟକ ଗୋଷ୍ଠୀ ପାଇଁ କାମ କରୁଥିବା ମହିଳାମାନେ ବୈଠକରେ ଯୋଗ ଦେଇଥିଲେ।

## ପୋଖରୀ ନିଲାମରେ ଅନିୟମିତତା

**ଧାମନଗର, ୧୨।୧୦ (ଡି.ଏନ.ଏ.)**

ଭଦ୍ରକ ଜିଲା ଧାମନଗର ବ୍ଲକ ଭଗବାନପୁର ପଞ୍ଚାୟତରେ ସରକାରୀ ପୋଖରୀ ନିଲାମରେ ଅନିୟମିତତା ହୋଇଥିବା ଅଭିଯୋଗ କରାଯାଇଛି। ଏ ନେଇ ଜଣେ ଆଶାୟୀ ଅଧିକାରୀଙ୍କ ବିରୋଧରେ ଥାନାରେ ଅଭିଯୋଗ କରିଛନ୍ତି।

ଅଭିଯୋଗ ଅନୁଯାୟୀ, ଏହି ପଞ୍ଚାୟତରେ ଥିବା ସମସ୍ତ ସରକାରୀ ପୋଖରୀକୁ ନିଲାମ ପାଇଁ ଗତ ୪ ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଗତ ୧୧ ତାରିଖରେ ପଞ୍ଚାୟତ ଅଫିସ୍ ପରିସରରେ ଜିପିଓ ଏବଂ ନିର୍ବାହୀ ଅଧିକାରୀଙ୍କ ଉପସ୍ଥିତିରେ ନିଲାମ ଡକା ଆରମ୍ଭ ହୋଇଥିଲା। ତାଲିକାରେ ଥିବା ପ୍ରଥମ ଚାନ୍ଦରେଖା ପୋଖରୀର ନିଲାମ ଡକାଯାଇ ନ ଥିଲା। ଦ୍ୱିତୀୟ ପୋଖରୀ ନିଲାମ ଡକାଯିବାରୁ ପଳିକିରି ଗ୍ରାମର ମଙ୍ଗରାଜ ମାଝୀ ପ୍ରଥମ ପୋଖରୀ ନାମ କାହିଁକି ଡକାଗଲା ନାହିଁ ବୋଲି ପଚାରିଥିଲେ। ଦୁଇ ଅଧିକାରୀ ପ୍ରଥମ ପୋଖରୀ ନିଲାମ ହୋଇସାରିଛି ବୋଲି କହିବାରୁ ସେ ଏହାର ବିରୋଧ କରିଥିଲେ। ଏହାକୁ ନେଇ ଅଧିକାରୀ ଓ ମଙ୍ଗରାଜଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ତାଙ୍କୁ ଧମକ ଦିଆଯିବା ସହ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରାଯାଇଥିବା ମଙ୍ଗରାଜ ଦର୍ଶାଇଛନ୍ତି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ। ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ଓ୍ୱେବ୍‌ସାଇଟ୍
www.dharitri.com/category/selfie/
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି : balasoreselfie@gmail.com



ରାକେଶ



ମାନସ



ପିଣ୍ଟୁ



ସରୋଜ



ପରେଶ

## ସଂକ୍ଷେପରେ

### ବାଇକ୍ ଦୁର୍ଘଟଣାରେ ଯୁବକ ମୃତ

**ଆନନ୍ଦପୁର,୧୨। ୧୦(ସ୍ୱ.ପ୍ର.)-** ରାମଚନ୍ଦ୍ରପୁର ଥାନା ଅଧୀନ ୨୦ ନଂ. ଜାତୀୟ ରାଜପଥ ସାଇଁକୁଳ ଠାରେ ଏକ ବାଇକ୍ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିବାବେଳେ ବାଇକ୍ ଆରୋହୀ ଯୁବକଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ସ୍ଥାନୀୟ ବାଟୋ ପଞ୍ଚାୟତ ଅଞ୍ଚର ଗ୍ରାମର ବିଜୟ ଜେନା। ସେ କୌଣସି କାର୍ଯ୍ୟରେ ଆନନ୍ଦପୁର ଆସି ଘରକୁ ଫେରୁଥିବାବେଳେ ତାଙ୍କ ବାଇକ୍ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ନିକଟସ୍ଥ ସାଇଁକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା। କଟକ ଯିବା ବାଟରେ ତାଙ୍କର ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ପରେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିବା ଜଣାପଡିଛି।

### ଶିବିରରେ ୪୦ ୟୁନିଟ୍ ରକ୍ତ ସଂଗ୍ରହ

**ଖୁଣ୍ଟା,୧୨।୧୦(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗର ବ୍ଲକ ଅଧୀନ ଚିତଉଦା ପ୍ରାଥମିକ ବିଦ୍ୟାଳୟରେ ଶୁକ୍ରବାର ମହାବୀର ସେବା ସଂଘ ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ମୟୂରଭଞ୍ଜ ଏମ୍‌ପି ବିଶେଶ୍ୱର ଟୁଡୁ, ଉଦଳା ବିଧାୟକ ଭାସ୍କର ମଢ଼େଇ ଓ ରାଣିବନ୍ଧ ପଞ୍ଚାୟତର ସରପଞ୍ଚ ପଦ୍ମିନୀ ଟୁଡୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ସରପଞ୍ଚ ଟୁଡୁଙ୍କ ସମେତ ୪୦ ଜଣ ମହିଳା ପୁରୁଷ ରକ୍ତଦାନ କରିଥିଲେ। ମୋଟ ୪୦ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଉଦଳା ରେଡକ୍ରସ ବିଭାଗରୁ ଡା. ଶିଶିର ବେହେରାଙ୍କ ନେତୃତ୍ୱରେ ଆସିଥିବା ଟେକ୍ନିସିଆନ ଦଳ ରକ୍ତ ସଂଗ୍ରହ କରିଥିଲେ ।

### ଲକ୍ଷାଧିକ ଟଙ୍କା, ସୁନା ଅଳଙ୍କାର ଚୋରି

**ଆନନ୍ଦପୁର,୧୨।୧୦(ସ୍ୱ.ପ୍ର.)-** ଘସିପୁରା ଥାନା ଅଧୀନ ତୋରାଣିଆପାଳ ଗ୍ରାମରେ ଦୁର୍ବୃତ୍ତମାନେ ଲୁଟପାଟ କରିଥିବା ସୂଚନା ମିଳିଛି। ଗ୍ରାମର ପ୍ରଶାନ୍ତ କୁମାର ବାସଙ୍କ ଘରେ ଶୁକ୍ରବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ପଶି ଲକ୍ଷାଧିକ ଟଙ୍କା ଓ ସୁନା ଅଳଙ୍କାର ଲୁଟି ନେଇଥିବା ଜଣାପଡିଛି। ଖବରପାଇ ଘସିପୁରା ପୋଲିସ ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି।

### ଜଙ୍ଗଲରୁ ବୃଦ୍ଧଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ପାଟଣା,୧୨।୧୦(ସ୍ୱ.ପ୍ର.)-** କେନ୍ଦୁଝର ଜିଲା ପାଟଣା ବ୍ଲକ କଣ୍ଟିଆପଡା ପଞ୍ଚାୟତ ଜାମୁନାଳିଆ ଗ୍ରାମ ସନ୍ନିକଟ ଏକ ଜଙ୍ଗଲରେ ଶନିବାର ସକାଳୁ ଜଣେ ବୃଦ୍ଧଙ୍କର ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ମୃତକ ହେଲେ ଉକ୍ତ ଗ୍ରାମର କୃଷ୍ଣଚନ୍ଦ୍ର ମହାକୁଡ଼ (୭୦) । ସୂଚନା ଅନୁଯାୟୀ ଶନିବାର ସକାଳୁ ଲୋକେ ଜଙ୍ଗଲକୁ ଯାଇଥିବା ସମୟରେ ଜଙ୍ଗଲରେ ଏକ ଆକାଶିଆ ଡାଳରେ ଜଣେ ବୃଦ୍ଧଙ୍କ ଝୁଲନ୍ତା ମୃତଦେହ ଦେଖି ତୁରୁମୁଙ୍ଗା ପୋଲିସକୁ ଖବର ଦେଇଥିଲେ। ବୃଦ୍ଧ ଜଣଙ୍କ କୌଣସି କାରଣରୁ ମାନସିକ ଭାରସାମ୍ୟ ହରାଇ ବେକରେ ଦଉଡି ଦେଇ ଆତ୍ମହତ୍ୟା କରିଥିବା ପୋଲିସ ସନ୍ଦେହ କରୁଛି। ତୁରୁମୁଙ୍ଗା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

### ୫ ଚୋରାମଦ ବେପାରୀ ଗିରଫ

**ବଡବିଲ, ୧୨।୧୦(ସ୍ୱ.ପ୍ର.)-** କେନ୍ଦୁଝର ଜିଲା ବଡ଼ବିଲ ପୋଲିସ ବିଭିନ୍ନ ହଟିଂ, ବସ୍ତି ଅଞ୍ଚଳରେ ଚୋରା ମଦବେପାରୀଙ୍କ ଉପରେ ଶନିବାର ପୂର୍ବାହ୍ନରେ ଚଢ଼ାଉ କରାଯାଇଛି। ଏହି ଚଢ଼ାଉରେ ପୋଲିସ ମୋଟ୍ ୪୫ ଲିଟର ମହୁଲି ମଦ ଜବତ କରିଥିବାବେଳେ ଏଥିରେ ସମ୍ପୃକ୍ତ ୫ ଜଣଙ୍କୁ ଗିରଫ କରି ଅପରାହ୍ନରେ କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତମାନଙ୍କ ମଧ୍ୟରୁ ଜଣେ ମହିଳା ଥିବା ଜଣାପଡିଛି। ଗିରଫ ଅଭିଯୁକ୍ତମାନେ ହେଲେ ବଡ଼ବିଲ ଗୌର ଗ୍ୟାରେଜ ଅଞ୍ଚଳର ମହେଶ କାରୁଆ, ସାଧୁସିଂହ ହଟିଂ ଅଞ୍ଚଳର ଆକାଶ ଚୌଧୁରୀ, ବାରୁ ହଟିଂ ଅଞ୍ଚଳର ମୁନା କାଲୁଣ୍ଡିଆ, ବାଗିଆବୁରୁ ହଟିଂ ଅଞ୍ଚଳର ବୁଟୁରୁ ସିଂ ଏବଂ ଷ୍ଟେଶନ ରୋଡ ଅଞ୍ଚଳର ଅଭିଯୁକ୍ତ ମହିଳା ତିତି ଲାଗୁରୀଙ୍କୁ କୋର୍ଟଚାଲାଣ କରାଯାଇଛି।

# ଅସୁରକ୍ଷିତ ଐତିହ୍ୟ

**ନରେଶ ଚନ୍ଦ୍ର ପଟ୍ଟନାୟକ**
**କେନ୍ଦୁଝର ୧୨।୧୦**

- ଦିନେ ଏହା ଥିଲା ରାଜାଙ୍କ ସଭାଗୃହ
- ଏବେ ଚାଲିଛି ଜିଲା ପ୍ରଶାସନର ମୁଖ୍ୟ କାର୍ଯ୍ୟାଳୟ
- ନାମକୁ ମାତ୍ର ହେଉଛି ମରାମତି
- ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ

ଗଡ଼ଜାତ ଶାସନ ସମୟରେ ନିର୍ମିତ ପୁରାତନ ଐତିହ୍ୟ ସମ୍ପନ୍ନ କୋଠାରେ ଚାଲିଛି କେନ୍ଦୁଝର ଜିଲାପାଳଙ୍କ କାର୍ଯ୍ୟାଳୟ। ଗଡ଼ଜାତ ଶାସନବେଳେ ଏହାକୁ ରାଜା ସଭାଗୃହ ଭାବେ ବ୍ୟବହାର କରୁଥିଲେ। ଦେଶ ସ୍ୱାଧୀନ ହେବା ପରେ ଏହି ସଭାଗୃହ କୋଠାରେ ଜିଲାପାଳଙ୍କ କାର୍ଯ୍ୟାଳୟ ଖୋଲିଥିଲା। ସେବେଠାରୁ ଆବଶ୍ୟକ ରକ୍ଷଣା ବେକ୍ଷଣ ଓ ମରାମତି କାର୍ଯ୍ୟ କରା ନ ଯିବରୁ ଏହି ପୁରାତନ କୋଠା କ୍ରମେ ଅସୁରକ୍ଷିତ ହୋଇପଡୁଛି। ଏହି କୋଠାର ଚାରିପାଖରେ ଥିବା ପାଚେରି କେତେକ ସ୍ଥାନରେ ଭାଙ୍ଗି ପଡିଥିଲେ ବି ମରାମତି କରାଯାଉନାହିଁ। କେବଳ ଜିଲାପାଳଙ୍କ କାର୍ଯ୍ୟାଳୟ ନୁହେଁ ଏହି କୋଠା ପରିସରରେ ଅନ୍ୟ କେତେକ ବିଭାଗର ଜିଲା ମୁଖ୍ୟ କାର୍ଯ୍ୟାଳୟ ମଧ୍ୟ ରହିଛି। ଗଡ଼ଜାତ ଶାସନ ସମୟରେ ନିର୍ମିତ ଏହି କୋଠା ଆଗକୁ ଶହେବର୍ଷ ପୂରଣ କରିବାକୁ ଯାଉଥିବାବେଳେ ଏହି ଐତିହ୍ୟର ସୁରକ୍ଷା ପାଇଁ ପ୍ରଶାସନ ସ୍ୱତନ୍ତ୍ର ଦୃଷ୍ଟି ଦେଉ ନ ଥିବାରୁ ସହରବାସୀ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏହି ପୁରାତନ କୋଠାର ରକ୍ଷଣାବେକ୍ଷଣ ପ୍ରତ୍ନତତ୍ତ୍ୱ ବିଭାଗ ଦ୍ୱାରା କରାଯାଉ ବୋଲି ଦାବି ହେଉଥିଲାବେଳେ ପୂର୍ତ୍ତ ବିଭାଗ ନାମକୁ ମାତ୍ର ମରାମତି କାମ କରି ଦାୟିତ୍ୱ ଶେଷ କରିଦେଉଛି।

ଉଲ୍ଲେଖନୀୟ ଯେ, ଜିଲାପାଳଙ୍କ କାର୍ଯ୍ୟାଳୟ ଚାଲୁଥିବା ଏହି କୋଠାର ଅନେକ ସ୍ଥାନରୁ ପ୍ଲାଷ୍ଟର ଖସିପଡ଼ିଥିବା ଦେଖିବାକୁ ମିଳିଛି। କେତେକ ସ୍ଥାନରେ କାନ୍ଥରେ ମଧ୍ୟ ଗଛ ଉଠିଛି। ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ନିକଟରେ ଥିବା ଏକ କୋଠାର ଛାତରେ ବାଦୁଡି ରହୁଥିବା ଦେଖିବାକୁ ମିଳୁଛି। ଏସବୁ ସ୍ଥାନକୁ ସଫେଇ କରାଯାଉ ନ ଥିବାରୁ ଦୁର୍ଗନ୍ଧ ହେଉଛି । ଜିଲାପାଳ ଓ ଅନ୍ୟ ବିଭାଗୀୟ କାର୍ଯ୍ୟାଳୟକୁ ଦୈନିକ ବହୁ ସଂଖ୍ୟାରେ ଲୋକ ଆସୁଥିଲେ ବି ଏହା ପରିସରରେ ବିଶ୍ରାମାଗାର ଓ ଶୌଚାଳୟ ବ୍ୟବସ୍ଥା କରାଯାଇ ନାହିଁ । କିଛିବର୍ଷ ତଳେ ନିର୍ମିତ ଏକ ଶୌଚାଳୟ କୋଠାକୁ ତାଲା ପକାଇ ରଖାଯାଇଛି। ସେହିପରି ଦୁଇଟି ପୁରୁଣା ସାଇକେଲ ଷ୍ଟାଣ୍ଡ ଅସୁରକ୍ଷିତ ଅବସ୍ଥାରେ ରହିଛି । ଡ୍ରେନ୍ ସଫେଇ ହେଉ ନ ଥିବାରୁ ଅନାବନା ଗଛ ଉଠି ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି। ଜମିଜମା ପଞ୍ଜୀକରଣ କାର୍ଯ୍ୟାଳୟରେ ପୂର୍ବରୁ ଏକାଧିକ ବାର ନିଆଁ ଲାଗି ବ୍ୟାପକ କ୍ଷୟକ୍ଷତି ଘଟିଥିଲା। ସେହିପରି କେତେକ ଅଫିସରୁ ବାରମ୍ବାର ଚୋରି ହେବା ଘଟଣା ପଦାକୁ ଆସିଥିଲା। ଏଭଳି ସ୍ଥିତିରେ ଏବେ ରାତି ୧୦ଟା ପରେ ମୁଖ୍ୟ ଗେଟ୍‌ରେ ତାଲା ପକାଯାଇ ଜଣେ ଜଗୁଆଳିଙ୍କୁ ରଖାଯାଇଛି। ମୁଖ୍ୟ ଫାଟକ ଓ ସମ୍ମୁଖ ଭାଗରେ ଥିବା ପାଚେରିର ଦୁଇଟି ସ୍ଥାନରେ ଲୁହା ଗ୍ରୀଲ୍ ଭାଙ୍ଗି ଯାଇଥବାରୁ ଅସାମାଜିକ ଲୋକେ ରାତିରେ ସେହି ସ୍ଥାନରେ ପାଚେରି ଡେଇଁ ଭିତରକୁ ପ୍ରବେଶ କରୁଥିବା ଅଭିଯୋଗ ହେଉଛି। ଏହି ଏତିହ୍ୟସମ୍ପନ୍ନ କୋଠାର ଉପଯୁକ୍ତ ରକ୍ଷଣାବେକ୍ଷଣ ସହ ଏହାର ପରିବେଶରେ ପରିମଳ ସମସ୍ୟାର ପ୍ରତିକାର କରିବାକୁ ସହରବାସୀ ଦୀର୍ଘଦିନରୁ ଦାବି କରିଆସୁଥିଲେ ମଧ୍ୟ କାହିଁକି ଏହାକୁ ଅବହେଳା କରାଯାଉଛି ବୁଝାପଡୁନାହିଁ। ଏ ସମ୍ପର୍କରେ ଅତିରିକ୍ତ ଜିଲାପାଳ ଡ. ଭକ୍ତ ଚରଣ ପ୍ରଧାନଙ୍କୁ ପଚାରିବାରୁ ଏହି କୋଠାର ମରାମତି କାମ ପୂର୍ତ୍ତ ବିଭାଗ କରୁଛି, ଯଦି କିଛି ଅଧିକ ଭାଙ୍ଗିଥାଏ ତେବେ ତାହାର ମରାମତି କରାଯିବ ବୋଲି ସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ପୂର୍ତ୍ତ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ସମୀର କୁମାର ପାଣି କହିଛନ୍ତି ଯେ, କୋଠା ମରାମତି ପାଇଁ କୌଣସି ନିର୍ଦ୍ଦିଷ୍ଟ ଫୋନ ଆସି ନାହିଁ, ଯାହା କାମ ଆସେ ସେହି ହିସାବରେ ମରାମତି କରାଯାଏ।


କାର୍ଯ୍ୟାଳୟ ପାଚେରିରୁ ପ୍ଲାଷ୍ଟର ଖସିଛି।

### ଟ୍ରକ ଚୋରି ଉଦ୍ୟମ, ଅଭିଯୁକ୍ତଙ୍କୁ ଧରି ନିସ୍ତୁକ ପିଟିଲେ

**ଯୋଡ଼ା ୧୨।୧୦(ଡି.ଏନ.ଏ.)**

କେନ୍ଦୁଝର ଜିଲା ବାମେବାରୀ ଥାନା ଅନ୍ତର୍ଗତ ଜୁରୁଡି ହାଟପଦାଠାରେ ଟ୍ରକ ଚୋରି ଉଦ୍ୟମ କରୁଥିବା ଯୁବକଙ୍କୁ ସ୍ଥାନୀୟ ଲୋକେ ଧରି ମାଡ ମାରିବା ସହିତ ପୋଲିସରେ ଜିମା ଦେଇଛନ୍ତି। ଶୁକ୍ରବାର ସନ୍ଧ୍ୟାରେ ଜୁରୁଡିସ୍ଥିତ ହାଟପଦାଠାରେ ଏକ ୧୨ ଚକିଆ ଟ୍ରକ ଡ୍ରାଇଭର ଚକା ମରାମତି ପାଇଁ ଯାଇଥିବା ବେଳେ ସୁଯୋଗ ପାଇ ରବୀନ୍ଦ୍ର କୁମାର ସାଓ ନାମକ ଯୁବକ ଟ୍ରକକୁ ଚୋରି କରି ନେଉଥିବା ବେଳେ ସ୍ଥାନୀୟ ଲୋକେ ଜାଣିପାରି ତାଙ୍କୁ ଧରି ନିସ୍ତୁକ ମାଡ ମାରିଥିଲେ ଏବଂ ପୋଲିସକୁ ଖବର ଦେଇଥିଲେ । ଅଭିଯୁକ୍ତ ରବୀନ୍ଦ୍ରଙ୍କ ଘର ମଧ୍ୟପ୍ରଦେଶ ରାଜ୍ୟର ହୁସିଆରି ଗ୍ରାମରେ। ଏନେଇ ଟ୍ରକ ମାଲିକ ପ୍ରଦୀପ କୁମାର ବେହେରା ଥାନାରେ ଏକ ଲିଖିତ ଅଭିଯୋଗ କରିବା ପରେ ଥାନା ପକ୍ଷରୁ ଏକ ମାମଲା (ନଂ.୧୩୩/୧୯) ରୁଜୁ କରାଯାଇ ଆହତ ଅଭିଯୁକ୍ତଙ୍କୁ ଟାଟାଷ୍ଟିଲ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିବା ଥାନା ଅଧିକାରୀ ପରେଶ କୁମାର ମହାନ୍ତି ସୂଚନା ଦେଇଛନ୍ତି।

## ୨୦ରୋଗୀ ଶଯ୍ୟା ବିଶିଷ୍ଟ ଗୃହ ନିର୍ମାଣ ପାଇଁ ଭିତ୍ତି ପ୍ରସ୍ତର


ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

**ଯୋଡ଼ା, ୧୨।୧୦(ଡି.ଏନ.ଏ.)**

କେନ୍ଦୁଝର ଜିଲା ଯୋଡା ବ୍ଲକ ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ୨୦ ରୋଗୀ ଶଯ୍ୟା ବିଶିଷ୍ଟ ନୂତନ ଗୃହ ନିର୍ମାଣ ପାଇଁ ଏକ ଶିଳ୍ପ କମ୍ପାନୀ ସହଯୋଗରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଭିତ୍ତି ପ୍ରସ୍ତର ସ୍ଥାପନ କରାଯାଇଛି। ଏହାକୁ କେନ୍ଦୁଝର ଏମ୍‌ପି ଚନ୍ଦ୍ରାଣୀ ମୁର୍ମୁ ଓ ଚମ୍ପୁଆ ବିଧାୟିକା ମୀନାକ୍ଷୀ ମହାନ୍ତଙ୍କ ଦ୍ୱାରା ଶିଳାନ୍ୟାସ କରାଯାଇଛି । ଏଥିରେ ଅନ୍ୟ ଅତିଥିଙ୍କ ମଧ୍ୟରେ ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଲକ୍ଷ୍ମୀକାନ୍ତ ସିଂ, ଶିଳ୍ପ ସଂସ୍ଥାର ଅଧିକାରୀ ଏନ.ଡି ରାଓ, ବି.କେ. ଦାସ, କେ.ସି ଶ୍ରୀବାସ୍ତବ, ଜେମସ ଜୋନ୍, ଧର୍ମେନ୍ଦ୍ର ଦିକ୍ଷୀତ, କେ.ଡି ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ। ଖଣି ଅଞ୍ଚଳରେ ସ୍ୱାସ୍ଥ୍ୟ ସେବା ଯୋଗାଇବା ପାଇଁ ଶିଳ୍ପ ସଂସ୍ଥା ପକ୍ଷରୁ କରାଯାଇଥିବା ଉଦ୍ୟମକୁ କେନ୍ଦୁଝର ଏମ୍‌ପି ସ୍ୱାଗତ କରିବା ସହିତ ଏହାକୁ ଆଗାମୀ ଦିନରେ କିପରି କାର୍ଯ୍ୟକାରୀ କରାଯିବ ସେନେଇ ଶିଳ୍ପସଂସ୍ଥା ପକ୍ଷରୁ ଧ୍ୟାନ ଦେବା ଉଚିତ ବୋଲି କହିଥିଲେ। ଚମ୍ପୁଆ ବିଧାୟିକା ମୀନାକ୍ଷୀ ମହାନ୍ତ ତାଙ୍କ ଅଭିଭାଷଣରେ କହିଥିଲେ ଯେ, ଅଞ୍ଚଳରେ ରାସ୍ତା ଘାଟର ଅବସ୍ଥା ଶୋଚନୀୟ ହୋଇପଡିଛି। ଗର୍ଭବତୀ ମହିଳାମାନେ ଖଟରେ, ସାଇକେଲରେ ବୁହା ହୋଇ ଡାକ୍ତରଖାନା ଯାଉଛନ୍ତି। ଆମ୍ବୁଲାନ୍ସ ଯିବା ପାଇଁ ଉପଯୁକ୍ତ ରାସ୍ତାଟିଏ ନାହିଁ । ଶିଳ୍ପସଂସ୍ଥା ପକ୍ଷରୁ ରୋଗୀ ସେବା ପାଇଁ ନୂତନ ଶଯ୍ୟା ଗୃହ ସ୍ଥାପନ କରାଯାଉଛି ତାହା ଏକ ଭଲ ପଦକ୍ଷେପ । ହେଲେ ରୋଗୀମାନେ କିପରି ଆମ୍ବୁଲାନ୍ସ ଯୋଗେ ଚିକିତ୍ସା କେନ୍ଦ୍ରକୁ ଆସିପାରିବେ ଏଥିପାଇଁ ରାସ୍ତାଘାଟର ମରାମତି ଏବଂ ନିର୍ମାଣ ଆବଶ୍ୟକ। ଏଣୁ ଏଦିଗରେ ଶିଳ୍ପସଂସ୍ଥା ପକ୍ଷରୁ ଦୃଷ୍ଟି ଦେବା ଉଚିତ ବୋଲି ସେ କହିଥିଲେ ।

### କାରକୁ ପିଟିଲା ଟ୍ରକ୍ ଅଳ୍ପକେ ବର୍ତ୍ତିଲେ ୪ଯାତ୍ରୀ

**ରାଇସୁଆଁ, ୧୨।୧୦(ଡି.ଏନ.ଏ.)**

କେନ୍ଦୁଝର ଜିଲା ସଦର ଥାନା ଅନ୍ତର୍ଗତ ପଦ୍ମପୁର ଠାରେ ଶନିବାର ସକାଳ ୮ଟା ସମୟରେ ଏକ ଟ୍ରକ କାର ପଛପଟୁ ଧକ୍କା ଦେବା ଫଳରେ କାର ମଧ୍ୟରେ ଥିବା ୪ଜଣ ଅଳ୍ପକେ ବର୍ତ୍ତିଯାଇଛନ୍ତି। ସଦର ପୋଲି ଘଟଣାସ୍ଥଳରେ ପହଞ୍ଚି ଗାଡିଦୁଇଟିକୁ ଜବତ କରିବା ସହିତ ତଦନ୍ତ ଜାରି ରଖିଛି।

### ମଦ ଜବତ, ୩ ଗିରଫ

**ବଉଳା/ହାଟଡିହୀ, ୧୨।୧୦(ଡି.ଏନ.ଏ.)**

ହାଟଡିହୀ ବ୍ଲକର ନନ୍ଦିପଦା ଓ ସୋସୋ ଥାନାରେ ପୋଲିସ ୩ ଜଣଙ୍କୁ ଗିରଫ କରିଛି । ସେମାନେ ହେଲେ ସୋସୋ ଥାନାର ଗହଳଡାହି ଗ୍ରାମର ବାଗୁନୁ ହୋ, ସଢ଼ଙ୍ଗ ଗ୍ରାମର ନିରଞ୍ଜନ ରାଉତ, ବସନ୍ତିଆ ଗ୍ରାମର ଦୀପକ ପଣ୍ଡା। ସେମାନଙ୍କ ନିକଟରୁ ପୋଲିସ ମଦ ଜବତ କରି ଶନିବାର କୋର୍ଟଚାଲାଣ କରିଛି ।

### ଧୂଳିଧୂଆଁରେ ଅତିଷ୍ଠ କଣ୍ଡରାପଶି ଗ୍ରାମବାସୀ

**ରାଇସୁଆଁ, ୧୨।୧୦(ଡି.ଏନ.ଏ.)**

କେନ୍ଦୁଝର ଜିଲା ସଦର ଅଞ୍ଚଳରେ ଦିନକୁ ଦିନ କଳକାରଖାନା ସହ ଖଣିଜ ପଦାର୍ଥ ପରିବହନ ବୃଦ୍ଧି ପାଇବାରେ ଲାଗିଛି। ପଳାଶପଙ୍ଗା କିଡକୋ ରାସ୍ତାରେ ପ୍ରତିଦିନି ହଜାର ହଜାର ଭାରିଯାନ ଚଳାଚଳ କରିବାରୁ ରାସ୍ତାଗୁଡିକ ସଂପୂର୍ଣ୍ଣ ନଷ୍ଟ ହୋଇ ଖାଲଖମାରେ ପରିପୂର୍ଣ୍ଣ ହୋଇଯାଇଛି। ଫଳରେ ଧୂଳିଧୂଆଁରେ କଣ୍ଡରାପଶି ପଞ୍ଚାୟତର ଧନୁର୍ଜୟପୁରଠାରୁ ଆହାରପଶିର ଜନସାଧାରଣ ଅଣନିଃଶ୍ୱାସୀ ହେବାରେ ଲାଗିଛନ୍ତି ବୋଲି ସ୍ଥାନୀୟ ଜନସାଧାରଣ ଅଭିଯୋଗ କରିଛନ୍ତି। କୋଟି କୋଟି ଟଙ୍କା ପରିବହନ ବାବଦରେ ରାଜସ୍ୱ ପାଉଥିବା ସତ୍ତ୍ୱେ ସରକାର ଏବଂ ପ୍ରଶାସନ ରାସ୍ତା ନିର୍ମାଣକୁ ଗୁରୁତ୍ୱ ଦେଉନାହାନ୍ତି ବୋଲି ସ୍ଥାନୀୟ ଜନସାଧାରଣ କ୍ଷୋଭ ପ୍ରକାଶ କରିଛନ୍ତି। ତୁରନ୍ତ ଏହି ରାସ୍ତା ନିର୍ମାଣ କରିବାକୁ ଦାବି କରିଛନ୍ତି।

## ଆଜିଠୁ ମା' ଲକ୍ଷ୍ମୀଙ୍କ ପୂଜା


ମହାଲକ୍ଷ୍ମୀଙ୍କୁ ଶେଷ ସ୍ପର୍ଶ ଦିଆଯାଉଛି।

**କେନ୍ଦୁଝର, ୧୨।୧୦(ସ୍ୱ.ପ୍ର.)**

କେନ୍ଦୁଝର ଜିଲାରେ ପ୍ରସିଦ୍ଧିଲାଭ କରିଥିବା ସଦର ବ୍ଲକ ଅନ୍ତର୍ଗତ ପଦ୍ମପୁର ବହୁ ପୁରାତନ ମହାଲକ୍ଷ୍ମୀ ପୂଜା ଚଳିତ ବର୍ଷ ୫୮ବର୍ଷରେ ପଦାର୍ପଣ କରିଛି। ଏଥିନିମନ୍ତେ କମିଟି ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଚାଲିଥିବା ବେଳେ ସେପଟେ ଲକ୍ଷ୍ମୀ ମା' ସଜେଇ ହେଲେଣି। ପ୍ରତି ବର୍ଷ ବିଭିନ୍ନ ପ୍ରକାର ମୂର୍ତ୍ତି ଦେଖିବାକୁ ମିଳିଥିବାବେଳେ ଏ ବର୍ଷ ମଧ୍ୟ ଦାସିଆବାଉରୀ, ତାରିଣୀ ମା'ଙ୍କ ନିକଟରେ ଭକ୍ତ ପୂଜା ଆଦିର ମୂର୍ତ୍ତି ନିର୍ମାଣ ଶେଷ ହେବାକୁ ବସିଲାଣି। ୧୩ତାରିଖ ରବିବାର କଳସ ଯାତ୍ରା, ସୋମବାର ଲକ୍ଷ୍ମୀବ୍ରତ ହେବାକୁ ଥିବାବେଳେ ୧୪ତାରିଖ ସୋମବାର ଠାରୁ ୧୮ତାରିଖ ପର୍ଯ୍ୟନ୍ତ ପାଞ୍ଚଦିନ ଧରି ମନୋରଞ୍ଜନ ସାଂସ୍କୃତିକ କାର୍ଯ୍ୟକ୍ରମ ରାଜଧାନୀ ଅପେରା ଅନୁଷ୍ଠିତ ହେବ। ଏଥିନିମନ୍ତେ ପ୍ରଥମ ରାତ୍ର ସୋମବାର ଓଡ଼ିଆ ଚଳଚ୍ଚିତ୍ର ଜଗତର ସିନେ ଅଭିନେତ୍ରୀ ରାନୀ ପ୍ରିୟଦର୍ଶନୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ବୁଧବାର ଗାଁ କଳାକାର ମା'ଙ୍କୁ ନେଇ ଏକ ଗ୍ରାମ ପ୍ରତିଭା ଅନୁଷ୍ଠିତ ହେବ। ଜିଲା ତଥା ଜିଲା ବାହାରୁ ବହୁ ସଂଖ୍ୟାରେ ଜନସମାଗମ ହେଉଥିବାରୁ ଏହାକୁ ଆଖି ଆଗରେ ରଖି ଶାନ୍ତି ଶୃଙ୍ଖଳା ପାଇଁ ସଦର ପୋଲିସ ସହାୟତା ନେବାର ବ୍ୟବସ୍ଥା ରହିଛି ବୋଲି ମହାଲକ୍ଷ୍ମୀ ପୂଜା କମିଟି ସଭାପତି ବିଜୟ କୁମାର ସାହୁ, ସମ୍ପାଦକ ଉତ୍ତମ କୁମାର ସାହୁଙ୍କ ଠାରୁ ସୂଚନା ମିଳିଛି।

## ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି ପଞ୍ଚୁପଲୀ ହାଇସ୍କୁଲ

**ଆନନ୍ଦପୁର, ୧୨।୧୦(ସ୍ୱ.ପ୍ର.)**

ଆନନ୍ଦପୁର ବ୍ଲକ ପଞ୍ଚୁପଲୀ ହାଇସ୍କୁଲ କେନ୍ଦୁଝର ଜିଲାରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ପ୍ରଧାନ ଶିକ୍ଷକ ବିଜୟ ସୁରଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ରମାନେ ସାମାଜିକ ଧର୍ମୀ କାର୍ଯ୍ୟ ପାଇଁ ଜିଲା ତଥା ରାଜ୍ୟ ସ୍ତରରେ ପୁରସ୍କୃତ ହୋଇ ବିଦ୍ୟାଳୟର ମାନ ବୃଦ୍ଧି କରିପାରିଛି। ଏହା ସହିତ କ୍ରୀଡା ଶିକ୍ଷକ ଦେବୀଦାସ ପଣ୍ଡାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାଧାନରେ ସ୍କାଉଟ୍ ଗାଇଡ୍ ମାନେ ବିଭିନ୍ନ ସ୍ତରରେ ପୁରସ୍କୃତ ହୋଇ ବିଦ୍ୟାଳୟ ପାଇଁ ସ୍ୱତନ୍ତ୍ର ଉଦାହରଣ ସୃଷ୍ଟି କରିଛନ୍ତି। ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ବିଦ୍ୟାଳୟ ପରିସରରେ ଏବଂ ରାସ୍ତା ପାର୍ଶ୍ୱରେ ବୃକ୍ଷରୋପଣ କାର୍ଯ୍ୟକ୍ରମ, ପଂଚୁପଲୀ ପ୍ରାଥମିକ ଚିକିତ୍ସାଳୟ ପରିସରରେ ସ୍ୱଚ୍ଛତା ସେମାନଙ୍କ ସମାଜସେବାର ଚରମ ନିଦର୍ଶନ ପାଳଟିଥିବା ଦେଖିବାକୁ ମିଳିଛି। ଏଥିପାଇଁ ବିଦ୍ୟାଳୟ ପ୍ରକୃତି ମିତ୍ର ପୁରସ୍କାର ପାଇଛି। କେନ୍ଦୁଝର ଜିଲାର ଶ୍ରେଷ୍ଠ ସ୍କୁଲ ଭାବେ ବିଦ୍ୟାଳୟକୁ ପୁରସ୍କୃତ କରାଯାଇଥିବାବେଳେ ବିଭିନ୍ନ ସମୟରେ ବିଦ୍ୟାଳୟର ଶିକ୍ଷକମାନେ ସମ୍ମାନିତ ହୋଇଥିବା ପରିଲକ୍ଷିତ ହୋଇଛି।


ବୃକ୍ଷରୋପଣ କରାଯାଉଛି।

## ମୋତିଆବିନ୍ଦୁ ଚିହ୍ନଟ ଶିବିର

**ବଉଳା, ୧୨।୧୦(ଡି.ଏନ.ଏ.)**

ହାଟଡିହୀ ବ୍ଲକର ହଦଗଡ଼ ବନବିଭାଗ ପକ୍ଷରୁ ଭୂମିକା ହସ୍ପିଟାଲ ଜାରକାର ମିଳିତ ସହଯୋଗରେ ବାଲିବରେଇ ହାଇସ୍କୁଲ ଓ ବଣିଆପଙ୍କଠାରେ ଏକ ମାଗଣା ମୋତିଆବିନ୍ଦୁ ଚିହ୍ନଟ ଶିବିର ଅନୁଷ୍ଠିତ ହୋଇଯାଇଛି । ବନଖଣ୍ଡର ଏସିଏଫ ପ୍ରଫୁଲ୍ଲ କୁମାର ମଲ୍ଲିକ, ହଦଗଡ଼ ରେଞ୍ଜର ସୁମିତ ମହାନ୍ତି, ଦେଉଗାଁ ରେଞ୍ଜର ସୁରେନ୍ଦ୍ର ନାଥ ହେମ୍ବ୍ରମ, ଫରେଷ୍ଟର ଉମ୍ବରୁଧର ମହାନ୍ତ, କେଦାର ପାତ୍ର, ଆମ ଜଙ୍ଗଲର ଟିମ ଲିଡର ବିଜୟ କୁମାର ସା, ବିଇଓ ସନ୍ତୋଷ କୁମାର ସା ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ବାଲିବରେଇ ପଞ୍ଚାୟତର ସରପଞ୍ଚ ପ୍ରତିଭା ନାୟକ, ପଢ଼ିଆରୀପଲୀ ସରପଞ୍ଚ ନିରୁପମା ପାତ୍ର, ଶିକ୍ଷାବିତ୍ ବୃନ୍ଦାବନ ରାଉତ ଉପସ୍ଥିତ ରହି ମୋତିଆବିନ୍ଦୁ ଦେଖେଇବାକୁ ଆସୁଥିବା ବୃଦ୍ଧାବୃଦ୍ଧଙ୍କୁ ଉତ୍ସାହିତ କରୁଥିଲେ। ମୋଟ ୪୯ ଜଣ ପୁରୁଷ ଓ ମହିଳା ଆଖି ପରୀକ୍ଷା କରାଇବା ପାଇଁ ଆସିଥିବା ବେଳେ ସେଥିମଧ୍ୟରୁ ୨୫ ଜଣଙ୍କଠାରେ ମୋତିଆବିନ୍ଦୁ ଚିହ୍ନଟ ହୋଇଥିଲା । ସେମାନଙ୍କୁ ଅସ୍ତ୍ରୋପଚାର ପାଇଁ ନିଆଯାଇଥିଲା । ବନବିଭାଗ ଓ ଆମ ଜଙ୍ଗଲ ଯୋଜନା ପକ୍ଷରୁ ଏଭଳି କାର୍ଯ୍ୟ ହାତକୁ ନେଇଥିବାରୁ ବୁଦ୍ଧିଜୀବୀ ମହଲରେ ପ୍ରଶଂସା କରାଯାଇଥିଲା ।

## ପରିବେଶ ସୁରକ୍ଷା ଲାଗି ବୃକ୍ଷରୋପଣ



**ଘସିପୁରା,୧୨।୧୦(ଡି.ଏନ.ଏ)**

ଘସିପୁରା ବ୍ଲକ ଅନ୍ତର୍ଗତ ଗୋଡ଼ିଉପର ଗ୍ରାମରେ ଶ୍ରୀ ଗଣେଶ କ୍ଲବ ପକ୍ଷରୁ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କ୍ଲବ ସଦସ୍ୟମାନେ ଗ୍ରାମର ମୁଖ୍ୟ ରାସ୍ତା ସମେତ ବିଭିନ୍ନ ସ୍ଥାନରେ ଆମ୍ବ, ବଉଳ, ଆକାଶିଆ, ଦବଦାରୁ ଚାରା ରୋପଣ କରିଥିଲେ। ଏଥିସହ ଚାରା ଗୁଡ଼ିକର ସୁରକ୍ଷା ପାଇଁ ବ୍ୟବସ୍ଥା କରିଥିଲେ। ନିଜସ୍ୱ ଶ୍ରମ ଓ ଅର୍ଥ ଦାନରେ କ୍ଲବ ସଦସ୍ୟମାନଙ୍କ ଏଭଳି ମହତ କାର୍ଯ୍ୟକୁ ଗ୍ରାମବାସୀ ପ୍ରଶଂସା କରିଛନ୍ତି। କ୍ଲବ ପକ୍ଷରୁ ଆଶିଷ ଅମିତାଭ ପରିଡ଼ା, ସସ୍ମିତ ସାହୁ, ସନ୍ତୋଷ କୁମାର ବେହେରା, ଶୁଭାଶିଷ ବାରିକ, ରାଜେନ୍ଦ୍ର ବାରିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବୁଢ଼ାବଳଙ୍ଗରେ ହୋଇପାରୁନି ଆଡ଼ିବନ୍ଧ

**ବାରିପଦା ଅଫିସ,୧୨।୧୦**

ସେଦିନ ଥିଲା ୨୦୧୩ ଅକ୍ଟୋବର ୧୩ ତାରିଖର କାଳ ରାତ୍ରି । ଫାଇଲିନ ବାତ୍ୟା ପ୍ରଭାବରେ ଫୁଲି ଉଠିଥିଲା ବୁଢ଼ାବଳଙ୍ଗ। ଚାହୁଁଚାହୁଁ ସେହି ରାତିରେ ବାରିପଦା ସହର ଜଳମଗ୍ନ ହୋଇପଡିଲା। ଜୀବନ ବଞ୍ଚାଇବା ଲାଗି ବିକଳରେ ଅନେକ ଲୋକ ଉଚ୍ଚ ଓ ନିରାପଦ ସ୍ଥାନକୁ ଯାଇ ଆଶ୍ରୟ ନେଇଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟରେ ପଶିଥିଲା ପାଣି, ଯାହା ରୋଗୀଙ୍କ ଲାଗି ସଙ୍କଟ ସୃଷ୍ଟି କରିଥିଲା। ଏହି ବନ୍ୟା ବିପର୍ଯ୍ୟୟରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବା ବେଳେ ଅନେକ ଧନ ସମ୍ପତ୍ତି, ଘରର ଆସବାବପତ୍ର ଉଜୁଡି ଯାଇଥିଲା। ସେହି ଲୋମଟାଙ୍କୁରା ବନ୍ୟା ଓ ବାତ୍ୟା ବିଭୀଷିକାକୁ ୬ ବର୍ଷ ବିତିଲାଣି। ସେଦିନର କ୍ଷତ ଓ ଦୁଃଖଦ ଅନୁଭୂତି ଏଯାଏ ମନରୁ ଲିଭିନି। ସହରକୁ ବନ୍ୟା ବିପର୍ଯ୍ୟୟରୁ ରକ୍ଷା କରିବା ସକାଶେ ବୁଢ଼ାବଳଙ୍ଗ ନଦୀ ତଟରେ ଆଡିବନ୍ଧ ନିର୍ମାଣ ଯୋଜନା କେବଳ ଘୋଷଣାରେ ସୀମିତ ହୋଇରହିଛି।

ଉଲ୍ଲେଖନୀୟ ଯେ, ଫାଇଲିନ୍ ବାତ୍ୟା ଓ ବନ୍ୟା ବିପର୍ଯ୍ୟୟ ପରେ ବାରିପଦା ସହର ନିକଟ ବୁଢ଼ାବଳଙ୍ଗ ନଦୀରେ ଆଡିବନ୍ଧ ନିର୍ମାଣ କରାଯିବ ବୋଲି ରାଜ୍ୟ ସରକାର ଘୋଷଣା କରିଥିଲେ। ଏହା ପରେ ୧୧୭ ତମ ଟେକନିକାଲ ଆଡଭାଇଜରି କମିଟି (ଟିଏସି) ବୈଠକରେ ଏ ନେଇ ଆଲୋଚନା ହୋଇଥିଲା। କୁଚେଇ ଘାଟଠାରୁ ଦାମୋଦର ଘାଟ ପର୍ଯ୍ୟନ୍ତ ୩ ପର୍ଯ୍ୟାୟରେ ଆଡିବନ୍ଧ ନିର୍ମାଣ ହେବ ଏବଂ ଏଥିଲାଗି ପ୍ରାଥମିକ ପର୍ଯ୍ୟାୟରେ ୬୨ କୋଟି ୩୪ ଲକ୍ଷ ଟଙ୍କା ଅନୁମୋଦନ କରିବା ସକାଶେ କମିଟି ସୁପାରିସ କରିଥିଲା। କିନ୍ତୁ ପ୍ରଶାସନିକ ଓ ରାଜନୈତିକ ଇଚ୍ଛାଶକ୍ତି ଅଭାବ କାରଣରୁ ଏଯାଏ ଆଡ଼ିବନ୍ଧ ନିର୍ମାଣ ସମ୍ଭବ ହୋଇ ନାହିଁ। ବାରିପଦା ସହରର ସୁରକ୍ଷା ଲାଗି ବୁଢ଼ାବଳଙ୍ଗ ନଦୀରେ ଆଡିବନ୍ଧ ନିର୍ମାଣ କରିବା ସକାଶେ ମଧୁବନ ଡେଭଲପମେଣ୍ଟ କମିଟି ଦୀର୍ଘଦିନ ହେବ ଦାବି କରିଆସୁଛି। ଏ ନେଇ ମୁଖ୍ୟମନ୍ତ୍ରୀ, ଜଳ ସମ୍ପଦ ସଚିବ, ବିଭାଗୀୟ ସଚିବଙ୍କ ସମେତ ଜିଲାପାଳ ଓ ବିଭିନ୍ନ ଅଧିକାରୀଙ୍କୁ ଲିଖିତ ଭାବେ ଅବଗତ କରାଯାଇଛି। ଗତ ଜାନୁୟାରୀ ୩୦ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବାରିପଦାର ଏକ ସରକାରୀ କାର୍ଯ୍ୟକ୍ରମରେ ଯୋଗ ଦେବା ଅବସରରେ ସହରରେ ରିଂ ରାଡ ନିର୍ମାଣ କରାଯିବ ବୋଲି ସୂଚନା ଦେଇଥିଲେ। ଜଳ ସମ୍ପଦ ବିଭାଗର ଜଣେ ଅଧିକାରୀ ସର୍ଭେ କରି ଫେରିଯାଇଥିଲେ ମଧ୍ୟ ଏଯାଏ ଏ ଦିଗରେ ଅନ୍ୟ କୌଣସି ପଦକ୍ଷେପ ନିଆଯାଇ ନାହିଁ। ଏ ସମ୍ପର୍କରେ ମଧୁବନ ଉନ୍ନୟନ ପରିଷଦର ସମ୍ପାଦକ ବିକ୍ରମ କେଶରୀ ଜେନା ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ବୁଢ଼ାବଳଙ୍ଗରେ ରିଂ ରୋଡ ନିର୍ମାଣ ହେଲେ ସହର ସୁରକ୍ଷିତ ରହି ପାରିବ। ଏଥିଲାଗି ବହୁଦିନରୁ ଦାବି କରାଯାଇ ଆସୁଛି। ରାଜ୍ୟ ସରକାରଙ୍କ ଦୁଇଥର ଘୋଷଣା ସତ୍ତ୍ୱେ କାମ ହେଉ ନ ଥିବାରୁ ପରିଷଦ ଏହା ବିରୋଧରେ ଆନ୍ଦୋଳନ ପାଇଁ ସଜବାଜ ହେଉଛି । ୬ ବର୍ଷ ତଳର ସେହି କାଳରାତ୍ରିର ସ୍ମୃତି ମନେ ପକାଇ ସ୍ଥାନୀୟ ୭ ନମ୍ବର ୱାର୍ଡର ବାସିନ୍ଦା ବିକାଶ ନାୟକ କହନ୍ତି, ନଦୀ ଉପର ମୁଣ୍ଡରୁ ହଠାତ ବଢି ପାଣି ଆସିବା ଫଳରେ ତାଙ୍କ ଘରେ ବନ୍ୟା ପାଣି ପଶିଥିଲା। କୌଶଳ କ୍ରମେ ସେମାନେ ଘରୁ ବାହାରି ଆସି ଜୀବନ ବଞ୍ଚାଇଥିଲେ।

## ସଂକ୍ଷେପରେ

### ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ ଅଭିଯୋଗ

**ଧାମନଗର, ୧୨।୧୦ (ଡି.ଏନ.ଏ.):** ଭଦ୍ରକ ଜିଲା ଧାମନଗର ବ୍ଲକ ଭଗବାନପୁର ଅଞ୍ଚଳର ଜଣେ ୯ ବର୍ଷର ବାଳିକାଙ୍କୁ ଜଣେ ଯୁବକ ବଳାତ୍କାର ଉଦ୍ୟମ କରିଥିବା ନେଇ ଧାମନଗର ଥାନାରେ ଅଭିଯୋଗ ହୋଇଛି। ଏ ସମ୍ପର୍କରେ ନାବାଳିକାଙ୍କ ବାପାଙ୍କ ଅଭିଯୋଗ କ୍ରମେ ଥାନାରେ ଏକ ମାମଲା(ନଂ.୨୧୬/୧୯) ରୁଜୁ ହୋଇ ନାବାଳିକାଙ୍କୁ ଡାକ୍ତରୀମାଇନା କରାଯାଇଛି। ଅଭିଯୁକ୍ତ ଯୁବକ ଫେରାର ଥିବା ଏବଂ ଘଟଣାର ତଦନ୍ତ ଚାଲିଥିବା ଆଇଆଇସି ମାନସ ଦେ ସୂଚନା ଦେଇଛନ୍ତି। ନାବାଳିକାଙ୍କ ବାପା ଥାନାରେ ଅଭିଯୋଗ କରିଛନ୍ତି ଯେ, ଶନିବାର ପୂର୍ବାହ୍ନରେ ତାଙ୍କ ଝିଅ ଟିଉସନରୁ ଫେରୁଥିଲେ। ସେହି ଅଞ୍ଚଳର ଜଣେ ୧୮ ବର୍ଷର ଯୁବକ ତାଙ୍କୁ ଏକୁଟିଆ ଦେଖି ରାସ୍ତାକଡ଼ ଜଙ୍ଗଲ ମଧ୍ୟକୁ ଟେକି ନେଇ ବଳାତ୍କାର ଉଦ୍ୟମ କରିଥିଲେ। ଝିଅର ଚିତ୍କାର ଶୁଣି ସ୍ଥାନୀୟ ଲୋକେ ପହଞ୍ଚି ଯିବାରୁ ଯୁବକ ସେଠାରୁ ଦୌଡ଼ି ପଳାଇଯାଇଥିଲେ।

### ଶିକ୍ଷାନୁଷ୍ଠାନ ଜମିକୁ ନେଇ ବଢୁଛି ବିବାଦ

**ହାଟଡିହୀ,୧୨। ୧୦ (ଡି.ଏନ୍.ଏ.)-** କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ଆଇତିପୁର ଅଞ୍ଚଳର ଏକ ଶିକ୍ଷାନୁଷ୍ଠାନର ଜମିଜମା ବିବାଦ ପ୍ରଶାସନର ଚିନ୍ତା ବଢ଼ାଇଛି। ଏହି ଶିକ୍ଷାନୁଷ୍ଠାନ ନାମରେ ୧୬ ଡିସିମିଲି ଜାଗା କବଲା କରାଯାଇ ପଟ୍ଟା ପ୍ରସ୍ତୁତି ଲାଗି ବ୍ୟବସ୍ଥା କରାଯାଉଥିବା ଜାଣି ଅଞ୍ଚଳବାସୀ ଏନେଇ ତଥ୍ୟର ଆରଆଇ ଓ କେନ୍ଦୁଝର ଜିଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଜିଲାପାଳ ଘଟଣାର ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଥିବା ଅଭିଯୋଗକାରୀମାନେ ପ୍ରକାଶ କରିଛନ୍ତି। ଏସମ୍ପର୍କରେ ଜଣେ ରାଜସ୍ୱ ବିଭାଗ ଅଧିକାରୀଙ୍କୁ ପଚାରିବାରୁ ଘଟଣାର ତଦନ୍ତ କରାଯାଉଥିବା କହିଛନ୍ତି।

### ଜିଲାସ୍ତରୀୟ ବିକଳାଙ୍ଗ ମଞ୍ଚର ବୈଠକ

**ହାଟଡିହୀ,୧୨।୧୦ (ଡି.ଏନ୍.ଏ.)-** କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ଅଣା ବିଦ୍ୟାଳୟରେ ଜିଲା ସ୍ତରୀୟ ମଞ୍ଚର ବୈଠକ ପ୍ରଗତୀ ଯୁବକ ସଂଘ ଓ ଓଡିଏମ କେନ୍ଦୁଝର ଶାଖା ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ନାରାୟଣ ବେହେରା ସଭାପତିତ୍ୱ କରିଥିଲେ। ହାଟଡିହୀ ବିଏସଏସଓ ଅବିନାଶ, ଓଡିଶା ବିକଳାଙ୍ଗ ମଞ୍ଚର ଅକ୍ଷୟ କୁମାର ସାହୁ, ପ୍ରଗତି ଯୁବକ ସଂଘର ବାପୁଜୀ ପଣ୍ଡା ଯୋଗଦେଇ ପ୍ରଶିକ୍ଷଣ ଓ ସୁଦୃଢ଼ୀକରଣ ଦିଗରେ ଆଲୋଚନା କରିଥିଲେ। ଏଥିସହ ଭିନ୍ନକ୍ଷମଙ୍କ ପାଇଁ ବିଭିନ୍ନ ସରକାରୀ ଯୋଜନା ସମ୍ପର୍କରେ ସୂଚନା ଦେବା ସହ ସଚେତନ କରାଇଥିଲେ। ଆସନ୍ତା ଅକ୍ଟୋବର ୩୦ରେ ଦୁଇଟି ମିଶନ ଶକ୍ତି ପ୍ରତି ପଞ୍ଚାୟତରେ ହେବା ସହ ଜିଲାପାଳଙ୍କୁ ଦୁଇ ଦଫା ଦାବି ପ୍ରଦାନ କରାଯିବା ନେଇ ଆଲୋଚନା ହୋଇଥିଲା। ଜୟକୃଷ୍ଣ ସେଠୀ, ରଞ୍ଜନ ପଣ୍ଡା, ଧର୍ମେନ୍ଦ୍ର ବେହେରା, ସୁକାନ୍ତ ସେନାପତି, ନରେନ୍ଦ୍ର ସୁତାର, ପ୍ରମୋଦ କୁମାର ଖୁଣ୍ଟିଆ ପ୍ରମୁଖଙ୍କ ସମେତ ବହୁ ସଂଖ୍ୟାର ଭିନ୍ନକ୍ଷମ ଅଂଶ ଗ୍ରହଣ କରିଥିଲେ।

### ଦିବ୍ୟାଙ୍ଗ ସାବିତ୍ରୀଙ୍କୁ ଟ୍ରାଇସାଇକେଲ

**ବନ୍ତ, ୧୨।୧୦ (ଡି.ଏନ.ଏ.):** ଭଦ୍ରକ ଜିଲା ବନ୍ତ ବ୍ଲକ କେନ୍ଦୁଆପଦା ପଞ୍ଚାୟତ ଅଧୀନ ସରିପଲ ଗ୍ରାମର ଦିବ୍ୟାଙ୍ଗ ମହିଳା ସାବିତ୍ରୀ ନାୟକଙ୍କୁ ପ୍ରଶାସନ ପକ୍ଷରୁ ଟ୍ରାଇସାଇକେଲ ପ୍ରଦାନ କରାଯାଇଛି। ବିଡିଓ ରେବେକା ବିଲୁଙ୍ଗ, ବ୍ଲକ ସାମାଜିକ ସୁରକ୍ଷା ବିଭାଗ ଦାୟିତ୍ୱରେ ଥିବା ଅଧିକାରୀ ନିଶାକର ଖୁଣ୍ଟିଆ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଉପସ୍ଥିତ ଥିଲେ।

# ଅବାଧରେ ଚାଲିଛି ବେଆଇନ କାଠମିଲ୍, ଡିପୋ

**ଭଦ୍ରକ ଅଫିସ, ୧୨।୧୦**

ଭଦ୍ରକ ଜିଲାରେ ଚୋରା କାଠ ବେପାରୀଙ୍କ ପ୍ରାଦୁର୍ଭାବ ଦିନକୁ ଦିନ ବଢ଼ିବାରେ ଲାଗିଛି। ଜିଲାର ବିଭିନ୍ନ ଅଞ୍ଚଳରେ ବେଆଇନ କାଠ ମିଲ୍ ଓ ଡିପୋ ଅବାଧରେ ଚାଲିଥିବା ବେଳେ ବନ ବିଭାଗ ବେପାରୀଙ୍କୁ କାବୁ କରିପାରୁ ନ ଥିବା ଅଭିଯୋଗ ହେଉଛି। ବନ ବିଭାଗର କେତେକ ଅସାଧୁ ଅଧିକାରୀଙ୍କ ସହ କାଠ ବେପାରୀଙ୍କ ମଧୁଚନ୍ଦ୍ରିକା ଯୋଗୁ ଗଛ ସଂଖ୍ୟା କମିବାରେ ଲାଗିଛି। କାଠ ମିଲ୍ ଓ ଡିପୋଗୁଡ଼ିକ ଦୃଷ୍ଟି ଆଢୁଆଳରେ ରହିଛି। ଭଦ୍ରକ ସହରରେ ବେଆଇନ କାଠ ମିଲ୍ ଦିନରାତି କାର୍ଯ୍ୟ କରୁଛି। ସହରର ଠାଏ ଠାଏ ବେଆଇନ କାଠ ଡିପୋ ସତେ ଯେପରି କୁଟୀରଶିଳ୍ପ ପାଲଟିଛି ବୋଲି କୁହାଯାଉଛି। ହେଲେ ଏ ସମ୍ପର୍କରେ ବନ ବିଭାଗ ପାଖରେ କୌଣସି ଖବର ନ ଥିବା ନେଇ ସ୍ଥାନୀୟ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

କରତ କଳ ଉପରେ ସରକାରୀ ସ୍ତରରେ କଟକଣା ରହିଥିଲେ ମଧ୍ୟ ଜିଲା ପ୍ରଶାସନ ଓ ପୋଲିସ ମୁଖ୍ୟାଳୟ ଆଗ ଦେଇ ଦୈନିକ ବେଆଇନ ଭାବେ କାଠ ଚାଲାଣ ସାଙ୍ଗକୁ କାଠ କଟାଯାଇ ଜିଲା ବାହାରକୁ ପଠାଯାଉଛି। ବନ ବିଭାଗର ଛତ୍ରଛାୟା ତଳେ ରହିଛନ୍ତି କାଠ ବେପାରୀ ଓ ବେଆଇନ କାଠ ଡିପୋ। ସହରରେ ଶତାଧିକ କାଠ ଡିପୋ ଓ ୧୦ରୁ ଊର୍ଦ୍ଧ୍ୱ କରତକଳ ଚାଲୁଥିବା ବେଳେ ପୋଲିସ କିମ୍ବା ବନ ବିଭାଗ ଚଢ଼ାଉ ନ କରିବା ବେପାରୀଙ୍କ ସହ ସଲାସୁତରାକୁ ପଦାରେ ପକାଉଥିବା ଚର୍ଚ୍ଚା ହେଉଛି। କାଠ ଡିପୋଗୁଡ଼ିକ ଦୈନିକ ଲକ୍ଷାଧିକ ଟଙ୍କାର ବ୍ୟବସାୟ କରିଆସୁଥିବା, ବେଆଇନ କାଠ ମିଲ୍‌ଗୁଡ଼ିକ କାହା ଇଙ୍ଗିତରେ କାର୍ଯ୍ୟ କରୁଛି ସେ ନେଇ ତଦନ୍ତ କରାଯାଉ ବୋଲି ଦାବି ହେଉଛି। ଉଲ୍ଲେଖନୀୟ ଯେ, ଯେଉଁ ମିଲ୍‌ରେ ଥରେ ଚଢ଼ାଉ ହେଉଛି ତାହାର ୬ ମାସ ପରେ ପୁଣି ପୂର୍ବଭଳି ଚାଲୁଛି। ସେହିପରି ଦୈନିକ ଜିଲା ବାହାରୁ ୨୦ରୁ ଊର୍ଦ୍ଧ୍ୱ ଟ୍ରିପ୍ କାଠ ସହରରେ ଥିବା ବିଭିନ୍ନ ମିଲ୍‌କୁ ବେଆଇନ ଭାବେ ଆସୁଛି ଓ ସାଇଜ କାଠ କଟାଯାଇ ନିଆଯାଉଛି। ଏ ସମ୍ପର୍କରେ ଭଦ୍ରକ ବନାଞ୍ଚଳ ଅଧିକାରୀ ରଞ୍ଜିତ ମହାନ୍ତିଙ୍କୁ ପଚାରିବାରୁ ପ୍ରଶାସନ, ପୋଲିସ ଓ ବନ ବିଭାଗର ସମନ୍ୱୟ ରହିଲେ ଚୋରା କରତକଳ ଓ କାଠ ଡିପୋଗୁଡ଼ିକୁ ସିଲ୍ କରାଯାଇପାରିବ ବୋଲି କହିଛନ୍ତି।

## ଲକ୍ଷାଧିକ ଟଙ୍କାର କାଠ ଜବତ



**ଭଦ୍ରକ ଅଫିସ, ୧୨।୧୦**

ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ଇଚ୍ଛାପୁରସ୍ଥିତ ଏକ ବେଆଇନ ଗୋଦାମରେ ଶନିବାର ବନ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଥିଲା। ଚଢ଼ାଉ ବେଳେ ଗଚ୍ଛିତ ଥିବା ଲକ୍ଷାଧିକ ଟଙ୍କାର କାଠ ପଟା ଓ ସାଇଜ କାଠ ଜବତ ହୋଇଛି। ଉକ୍ତ କାଠ ବିକ୍ରି ପାଇଁ ରଖାଯାଇଥିବା ତଦନ୍ତରୁ ଜଣାପଡ଼ିଥିଲା। ଗ୍ରାମାଞ୍ଚଳ ଥାନା ପୋଲିସ ସହାୟତାରେ ସେଠାରୁ ପ୍ରାୟ ୨୫୦ ସିଏଫ୍‌ଟି କାଠ ଜବତ କରାଯାଇ ସାତଭଉଣୀ ରେଞ୍ଜ କାର୍ଯ୍ୟାଳୟକୁ ଅଣାଯାଇଥିବା ସୂଚନା ଦିଆଯାଇଛି। ଭଦ୍ରକ ବନାଞ୍ଚଳ ଅଧିକାରୀ ରଞ୍ଜିତ ମହାନ୍ତିଙ୍କଠାରୁ ମିଳିଥିବା ସୂଚନା ଅନୁସାରେ, ଇଚ୍ଛାପୁରର ଜଣେ ବ୍ୟକ୍ତିଙ୍କ ଦୁଇଟି ଦୋକାନ ଘର କୁଣ୍ଡା ବ୍ୟବସାୟ କରିବା ପାଇଁ କହି ଭଡ଼ାରେ ନେଇ ପୁରୁଣାବଜାର ଅଞ୍ଚଳର ଜଣେ ବ୍ୟକ୍ତି କାଠ ବ୍ୟବସାୟ କରିଆସୁଥିଲେ। ଏ ସମ୍ପର୍କରେ ଜାଣିବା ପରେ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଥିଲା।

# ରାସ୍ତାକାମକୁ କେନ୍ଦ୍ରକରି ମାର୍‌ପିଟ୍

## ୨୫ ଜଣଙ୍କ ନାଁରେ ଥାନାରେ ମାମଲା

**ବନ୍ତ, ୧୨।୧୦ (ଡି.ଏନ.ଏ.)**

ଭଦ୍ରକ ଜିଲା ବନ୍ତ ବ୍ଲକ ଅନ୍ତର୍ଗତ ରାମଚନ୍ଦ୍ରପୁର ପଞ୍ଚାୟତ ପାନପଦୀ ଗ୍ରାମରେ ଶନିବାର ରାସ୍ତାକାମକୁ ନେଇ ଦୁଇଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଘଟିଛି। ମାର୍‌ପିଟ୍‌ରେ ଜଣେ ଆହତ ହୋଇ ସ୍ଥାନୀୟ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ଏ ନେଇ ଉଭୟ ପକ୍ଷରୁ ଅଭିଯୋଗ କ୍ରମେ ବନ୍ତ ଥାନାରେ ୨୫ ଜଣଙ୍କ ନାମରେ ୩ଟି ମାମଲା ରୁଜୁ ହୋଇଛି।

ଅଭିଯୋଗ ଅନୁଯାୟୀ, ଉକ୍ତ ପଞ୍ଚାୟତରେ ବିଭିନ୍ନ ଉନ୍ନୟନ କାର୍ଯ୍ୟରେ ଅନିୟମିତତା ହେଉଥିବା ଅଭିଯୋଗ କରି ଗତ ବୁଧବାରଠାରୁ ବ୍ଲକ ଅଫିସ୍ ସମ୍ମୁଖରେ ଅନଶନ ଚାଲିଥିଲା। ଶୁକ୍ରବାର ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ପହଞ୍ଚି ଅନଶନକାରୀଙ୍କ ସହ ଆଲୋଚନା କରିଥିଲେ। ତଦନ୍ତ ପରେ ୭ ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ନେବେ ବୋଲି ପ୍ରତିଶ୍ରୁତି ଦେବା ସହ ଉକ୍ତ ପଞ୍ଚାୟତର ସମସ୍ତ କାର୍ଯ୍ୟ ବନ୍ଦ କରିବାକୁ କହିଥିଲେ। ଏପରି ସ୍ଥଳେ ଶନିବାର ସକାଳେ ଆର୍‌ଡି ରାସ୍ତାଠାରୁ ପାନପଦୀ ଗ୍ରାମକୁ ଯାଉଥିବା ରାସ୍ତାର କଂକ୍ରିଟ କାମ ହେଉଥିଲା। ସେହି ଗ୍ରାମର ରବୀନ୍ଦ୍ର ନାୟକ, ବୃନ୍ଦାବତୀ ସାହୁ ଓ ଶେଷଦେବ ସାହୁ ଉଚ୍ଚ ଅଧିକାରୀମାନେ ବନ୍ଦ କରିଥିବା କାମକୁ କାହିଁକି କରୁଛ ବୋଲି ପଚାରିବାରୁ କାର୍ଯ୍ୟ କରୁଥିବା ଲୋକେ ସେମାନଙ୍କୁ ଗାଳିଗୁଲଜ କରିଥିଲେ। ଏହାକୁ ନେଇ ଉଭୟପକ୍ଷ ମଧ୍ୟରେ ମାର୍‌ପିଟ୍ ହୋଇଥିଲା। ଏଥିରେ ରବୀନ୍ଦ୍ର ଆହତ ହୋଇଛନ୍ତି। ଗୋଟିଏ ପକ୍ଷରୁ ବୃନ୍ଦାବତୀ ସାହୁଙ୍କ ଅଭିଯୋଗ କ୍ରମେ ଥାନାରେ ୮ ଜଣଙ୍କ ନାମରେ ମାମଲା (ନଂ. ୧୨୧/୧୯) ରୁଜୁ ହୋଇଛି। ଅପରପକ୍ଷେ ଆନନ୍ଦ ଚନ୍ଦ୍ର ପତିଙ୍କ ଅଭିଯୋଗ କ୍ରମେ ୧୬ ଜଣଙ୍କ ନାମରେ ମାମଲା(ନଂ.୧୨୨/୧୯) ଏବଂ ନରହରି ଶଙ୍ଖୁଆଙ୍କ ଅଭିଯୋଗ କ୍ରମେ ଜଣଙ୍କ ନାଁରେ ମାମଲା (ନଂ.୧୨୩/୧୯) ରୁଜୁ ହୋଇଛି।

## ମା' ନେଲେ ମେଲାଣି

**ଝୁମ୍ପୁରା ୧୨।୧୦ (ଡି.ଏନ.ଏ.)**

ଝୁମ୍ପୁରା ଦୁର୍ଗାପୂଜାର ଶୁକ୍ରବାର ଥିଲା ଭସାଣି ଉତ୍ସବ। ପ୍ରାୟୋଜିତ କାର୍ଯ୍ୟକ୍ରମ ଅନୁସାରେ ଅପରାହ୍ନରେ ମା'ଙ୍କର ମୃଣ୍ମୟୀ ପ୍ରତିମାଙ୍କୁ ମନ୍ଦିରରୁ ବାହାରକୁ ଅଣାଯାଇ ବିସର୍ଜନ ପାଇଁ ନିଆଯାଇଥିଲା। ମା'ଙ୍କର ଭସାଣି ଉତ୍ସବରେ ହଜାର ହଜାର ଶ୍ରଦ୍ଧାଳୁ ଭାଗ ନେଇଥିଲେ। ଝୁମ୍ପୁରା ଥାନାଛକ, ବଜାର ଦେଇ ବଡ଼ବନ୍ଧରେ ମା'ଙ୍କ ମେଢ଼ ପହଞ୍ଚିଥିଲା। ଦୀର୍ଘ ୪ଘଣ୍ଟାର ଶୋଭାଯାତ୍ରାରେ ରାସ୍ତାର ୨ପାର୍ଶ୍ୱରେ ଗ୍ରାମବାସୀ, ଶ୍ରଦ୍ଧାଳୁ ଛିଡ଼ା ହୋଇ ଅଶ୍ରୁପ୍ଲାବିତ ନୟନରେ ମା'ଙ୍କୁ ମେଲାଣି ଦେଉଥିଲେ। ମା'ଙ୍କର ଜୟ ଜୟକାରରେ ଚାରିଆଡ଼ ପ୍ରକମ୍ପିତ ହେଉଥିଲା। ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ପୋଲିସ ସହାୟତା ନିଆଯାଇଥିଲା।

## ଉନ୍ନୟନ କାର୍ଯ୍ୟରେ ଅନିୟମିତତା, ପ୍ରତିକାର ନାହିଁ

**ଝୁମ୍ପୁରା, ୧୨।୧୦(ଡି.ଏନ.ଏ.)**

ରାଜ୍ୟ ସରକାର ବିଭିନ୍ନ ଉନ୍ନୟନ କାର୍ଯ୍ୟ ପାଇଁ ଯୋଜନା କରୁଥିଲେ ମଧ୍ୟ ତଳ ସ୍ତରରେ ଏହାର ରୂପାୟନ ଠିକ୍ ଭାବେ ହୋଇପାରୁନାହିଁ। ବ୍ଲକସ୍ତରରେ ହେଉଥିବା ଲୋକ ହିତକର ଯୋଜନାଗୁଡିକର କିଭଳି ରୂପାୟନ ହେଉଛି ତାହାକୁ ଯାଞ୍ଚ କରାଯାଉନାହିଁ। କେନ୍ଦୁଝର ଜିଲା ଝୁମ୍ପୁରା ବ୍ଲକର ମଲଦା, ନିଶ୍ଚିନ୍ତପୁର, ବସନ୍ତପୁର, ଗୁଣ୍ଡୁଣିଆଁ, ବଡନେଉଳି, ଅସନପାଟ ଆଦି ପଞ୍ଚାୟତରେ କେତେକ କଙ୍କ୍ରିଟରାସ୍ତା, ଅଙ୍ଗନୱାଡି ଘର, ଚେକ ଡ୍ୟାମ, କ୍ରସବନ୍ଧ, ଶାଳ ପାଚେରି, ସ୍କୁଲ ପାଚେରି, ପାନୀୟ ଜଳ ଆଦି ପ୍ରକଳ୍ପ ନିର୍ମାଣ କାମରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ସେହିପରି ବାଲିବନ୍ଧ ପଞ୍ଚାୟତରେ ରଜାବସା ଗ୍ରାମ, ଦୁଧକୁଣ୍ଡି ଗ୍ରାମ ଓ କଟଲପଶି ଗ୍ରାମରେ ୩ଟି ପ୍ରାଥମିକ ବିଦ୍ୟାଳୟ ପାଚେରି ନିର୍ମାଣରେ ଅନିୟମିତତା ହୋଇଥିବା ଅଭିଯୋଗ କରାଯାଇଛି। ପାଚେରି ନିର୍ମାଣ ପାଇଁ ବ୍ଲକ ପକ୍ଷରୁ କାର୍ଯ୍ୟାଦେଶ ମିଳି ନ ଥିଲେ ମଧ୍ୟ ୩ଟି ବିଦ୍ୟାଳୟରେ କିଭଳି ପାଚେରି ନିର୍ମାଣ ହେଲା ସେନେଇ ଗ୍ରାମବାସୀ ପ୍ରଶ୍ନ ଉଠାଇଛନ୍ତି। ଏସମ୍ପର୍କରେ ବାଲିବନ୍ଧ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ରାମଚନ୍ଦ୍ର ମହାନ୍ତ ଏବଂ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ମନୋରଞ୍ଜନ ମିଶ୍ରଙ୍କୁ ପଚାରିବାରୁ ସେମାନେ ଘଟଣା ଅନୁଧ୍ୟାନ କରି ଦେଖିବେ ବୋଲି କହିଛନ୍ତି।

# କୁମାରପୂର୍ଣ୍ଣିମା ଲାଗି ଗାଁ ଉତ୍ସବମୁଖର



ତୁଳସୀ ଚଉଁରା ମୂଳେ କୁମାରୀମାନେ।

**ବନ୍ତ, ୧୨।୧୦ (ସ୍ୱ.ପ୍ର.)**

କୁମାରପୂର୍ଣ୍ଣିମା ପାଇଁ ବନ୍ତ ବ୍ଲକର ବିଭିନ୍ନ ଗାଁ ଉତ୍ସବମୁଖର ହୋଇଉଠିଛି। ଶନିବାର ଥିଲା ବଡ଼ଘର। ରବିବାର କୁମାରପୂର୍ଣ୍ଣିମା ଓଷା। ବ୍ଲକର ବିଭିନ୍ନ ଗ୍ରାମରେ ଗାଁ ପୋଖରୀ କଇଁଫୁଲ ଓ ରଙ୍ଗିନ କାଗଜ ଫୁଲରେ ସଜାଯାଇଛି ତୁଳସୀ ଚଉଁରା। ସହରରେ ଏହି ଓଷାର ଚାହିଦା କମିଯାଇଥିଲେ ବି ଗାଁରେ ଓଷା ପାଇଁ ଚଳଚଞ୍ଚଳ ପରିବେଶ। ଝିଅମାନଙ୍କର ସବୁଠୁ ବଡ଼ପର୍ବ କୁମାରପୂର୍ଣ୍ଣିମାର କୁମାର ଓଷା। ବର୍ଷରେ ଥରେ ଏହି ଓଷାକୁ ଚାତକ ପରି ଚାହିଁ ରହିଥାନ୍ତି କୁମାରୀମାନେ। କୁମାରପୂର୍ଣ୍ଣିମା ଲାଗି ଗାଁର ପରିବେଶ ସ୍ୱତନ୍ତ୍ର ବାରି ହୋଇପଡୁଛି। କୁମାରୀମାନେ ଏକାଠି ହୋଇ ତୁଳସୀ ଚଉଁରା ମୂଳେ ଓଷା ଆରମ୍ଭ କରିଛନ୍ତି। ନିଜର ମନସ୍କାମନା ପୂରଣ ପାଇଁ ଏହି ଓଷାରେ ସେମାନେ ବୃନ୍ଦାବତୀ ଓ ଜହ୍ନମାମୁଙ୍କୁ ପୂଜା କରିଥାନ୍ତି। ଗାଁ ଗାଁ ମଧ୍ୟରେ ଓଷାକୁ ନେଇ ଚାଲିଛି ପ୍ରତିଯୋଗିତା। ସପ୍ତାହେ ପୂର୍ବରୁ କୁମାରୀମାନେ ସନ୍ଧ୍ୟାରେ ଚଉଁରା ମୂଳେ ବସି ଫୁଲ ବଉଳବେଣୀ ଗୀତ ଗାଇଥାନ୍ତି। ବଡ଼ଘର ସନ୍ଧ୍ୟାରେ ଚଉଁରା ମୂଳରେ କଇଁଫୁଲରେ ଶ୍ରୀଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ଚିତ୍ର ଆଙ୍କି ଥିବାବେଳେ ରଙ୍ଗିନ କାଗଜ ଫୁଲ, ରଙ୍ଗବେରଙ୍ଗ ଆଲୋକମାଳାରେ ଚଉଁରା ଓ ଆଖପାଖକୁ ସଜାଇଛନ୍ତି। ଶନିବାର ବଡ଼ଘର ଅବସରରେ କୁମାରୀମାନେ ନୂଆ ବସ୍ତ୍ର ପରିଧାନ କରି ଦୀପ ଜାଳି ଅର୍ଘ୍ୟଥାଳିରେ ମା' ବୃନ୍ଦାବତୀ ଓ ଜହ୍ନମାମୁଙ୍କୁ ବନ୍ଦାପନା କରିବା ପରେ ଫୁଲ ବଉଳବେଣୀ ଗୀତ ଗାଇଥିଲେ। ରବିବାର ପୂର୍ଣ୍ଣିମା ଦିନ ଖଇ ସହିତ ବିଭିନ୍ନ ପ୍ରକାର ଫଳ ଭୋଗ କରି ରାତି ଉଜାଗର ରହି କୁମାରପୂର୍ଣ୍ଣିମା ଗୀତ ଗାଇ ପୂଜା କରିବେ ବୋଲି କୁମାରୀମାନେ କହିଥିଲେ।

# ପାଟଣା କୁମାରୋତ୍ସବ କମିଟିର ସୁବର୍ଣ୍ଣ ଜୟନ୍ତୀ ସମାରୋହ

**ପାଟଣା,୧୨।୧୦(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ପାଟଣା ମୁଖ୍ୟାଳୟ କୁମାରୋତ୍ସବ କମିଟି ଚଳିତ ବର୍ଷ ସେପ୍ଟେମ୍ବର ୧୪ ଓ ୧୫ ତାରିଖ ସୁବର୍ଣ୍ଣ ଜୟନ୍ତୀ ସମାରୋହ ଆୟୋଜନ କରୁଛି। ଏହି ଅନୁଷ୍ଠାନ ବିଗତ ୪୯ ବର୍ଷ ଧରି ନିଷ୍ଠାର ସହ ଲକ୍ଷ୍ମୀପୂଜା ଆୟୋଜନ କରିବା ସହ ପାଟଣା ଅଞ୍ଚଳର କଳା ଓ ପ୍ରତିଭା ଉନ୍ମେଷ ଦିଗରେ ପଦକ୍ଷେପ ନେଇ ଆସିଛି। ସୁବର୍ଣ୍ଣ ଜୟନ୍ତୀ ଉତ୍ସବକୁ ସରସ ସୁନ୍ଦର ଆଉ ସ୍ମରଣୀୟ କରିବା ପାଇଁ କମିଟି ପକ୍ଷରୁ ବ୍ୟାପକ ପ୍ରସ୍ତୁତି ହୋଇଥିବା କମିଟିର ସଭାପତି ବିବେକାନନ୍ଦ ଦାଶ, ସମ୍ପାଦକ ଦକ୍ଷ କୁମାର ସାହୁ ଓ ସବୀର କୁମାର ଦାଶ ସୂଚନା ଦେଇଛନ୍ତି। ରବିବାର ନୀତି କାନ୍ତିରେ ଧନଦାତ୍ରୀ ଦେବୀ ଲକ୍ଷ୍ମୀ ଠାକୁରାଣୀଙ୍କ ପୂଜାର୍ଚ୍ଚନା ଅନୁଷ୍ଠିତ ହେବ। ୧୪ ତାରିଖ ରାତ୍ରି ସମ୍ବର୍ଦ୍ଧନା ଉତ୍ସବ ପରେ ନାଟକ 'ସାରି ପୁତ' ମଞ୍ଚସ୍ଥ ହେବ। ସେହିଭଳି ୧୫ ତାରିଖ ସାଂସ୍କୃତିକ କାର୍ଯ୍ୟକ୍ରମରେ ପଣ୍ଡିତ ବୀରେନ୍ଦ୍ର ପଣ୍ଡାଙ୍କ ପ୍ରବଚନ ଓ ସତ୍ୟଜିତ ପ୍ରଧାନଙ୍କ ସଙ୍ଗୀତ ଓଡ଼ିଶା ମେଲୋଡି ନାଇଟ ପରିବେଷଣ ହେବ। ବହୁ ସଂଖ୍ୟାରେ କଳା ଓ ସଂସ୍କୃତିପ୍ରେମୀ ଏହି ଉତ୍ସବରେ ଯୋଗ ଦେବାକୁ କମିଟି ତରଫରୁ ନିବେଦନ କରାଯାଇଛି।

■ ଫେଲ୍ ମାରିଛି ମମତା ଯୋଜନା

# ଅପପୁଷ୍ଟି କବଳରେ ଶିଶୁ

**ରାଇସୁଆଁ, ୧୨।୧୦(ଡି.ଏନ.ଏ.)**

ସରକାର ଜନନୀ ଏବଂ ନବଜାତ ଶିଶୁ ସୁରକ୍ଷା ପାଇଁ ଯୋଜନା ପରେ ଯୋଜନା କରିଚାଲିଛନ୍ତି। ମାତ୍ର ପ୍ରଶାସନିକସ୍ତରରେ ମାନସିକତାର ଅଭାବ ଏବଂ ସ୍ଥାନୀୟ ରାଜନୈତିକ ନେତୃବୃନ୍ଦଙ୍କ ଖାମଖିଆଲି ମନୋଭାବ ଯୋଗୁଁ ସରକାରଙ୍କ ବହୁ ଜନକଲ୍ୟାଣ ଯୋଜନା ଲୋକଙ୍କ ନିକଟରେ ଆଜି ଯାଏ ଅପହଞ୍ଚ ହୋଇ ରହିଯାଉଛି। ଏହିପରିକି ମମତା ଯୋଜନାରୁ ବହୁ ଜନନୀ ଏବଂ ଶିଶୁ ବଞ୍ଚିତ ହେଉଥିବାରୁ ବହୁ ଶିଶୁ ଏବଂ ଜନନୀ ଅପପୁଷ୍ଟିର ଶିକାର ହୋଇ ଅକାଳରେ ଜୀବନ ହରାଉଥିବା ଦେଖିବାକୁ ମିଳୁଛି।

ଏହିପରି ଘଟଣା ଦେଖିବାକୁ ମିଳିଛି କେନ୍ଦୁଝର ଜିଲା ବାଂଶପାଳ ବ୍ଲକର ଫୁଲଝର ପଞ୍ଚାୟତର ବାଲିବେଡା ଗ୍ରାମର ଶୁକ୍ରୁ ମୁଣ୍ଡାଙ୍କ ପରିବାର କ୍ଷେତ୍ରରେ। ଶୁକ୍ରୁଙ୍କ ସ୍ତ୍ରୀ ସମ୍ବାରୀ ମୁଣ୍ଡା ୨ ଶିଶୁ ପୁତ୍ର ଜନ୍ମ ପରେ ଆରପାରିକୁ ଚାଲିଗଲେ। ସାନ ପୁଅ ଅପପୁଷ୍ଟିର ଶିକାର ହୋଇ ଧିରେ ଧିରେ ଦୁର୍ବଳ ହେବାରେ ଲାଗିଛି। ତାଙ୍କ ସ୍ତ୍ରୀଙ୍କ ୨ ପୁଅ ଥିଲେ ମଧ୍ୟ ତାଙ୍କୁ ମମତା ଯୋଜନାରେ ସାମିଲ କରାଯାଇ ନ ଥିଲା। ଶୁକ୍ରୁଙ୍କ ପରିବାରକୁ ଖାଦ୍ୟସୁରକ୍ଷା ଯୋଜନାରେ ମଧ୍ୟ ସାମିଲ କରାଯାଇନି ଫଳରେ ତାଙ୍କୁ ରାଶନ ସାମଗ୍ରୀ ମଧ୍ୟ ମିଳିପାରୁନାହିଁ ବୋଲି ସେ ଅଭିଯୋଗ କରିଛନ୍ତି। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ।
ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/category/selfie/
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି : balasoreselfie@gmail.com



ରାକେଶ



ମାନସ



ପିଣ୍ଟୁ



ସରୋଜ



ପରେଶ